EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews



ଇଂରାଜୀ ନବବର୍ଷ ଅବସରରେ 'ଏକମାତ୍ର'ର ଅଗଣିତ ପାଠକପାଠିକା, ଲେଖକଲେଖିକା, ବିଜ୍ଞାପନଦାତା, ଖବରଦାତା ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ବର୍ଷ-୨ ସଂଖ୍ୟା-୫୧ ୩୧ ଡିସେମ୍ବର - ୦୬ ଜାନୁଆରୀ, ୨୦୧୯ ଭୁବନେଶ୍ୱର Monday Weekly VOL-2 ISSUE-51 31st DECEMBER - 06th JANUARY, 2019 BHUBANESWAR ₹ 5/- (8 Pages)



## ବାର୍ତ୍ତା

ନବବର୍ଷ-୨୦୧୯ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)

### କଠୋର ହେଲା ପୋକ୍ସୋ ଆଇନ



# ନାବାଳିକାଙ୍କୁ ଦୁଷ୍କର୍ମ, ହତ୍ୟାକଲେ ଫାଶୀ



**ନୂଆଦିଲ୍ଲୀ :** ଶିଶୁଙ୍କ ପ୍ରତି ହେଉଥିବା ଜଘନ୍ୟ ଅପରାଧକୁ ରୋକିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ପୋକ୍ସୋ ଆଇନ୍‌କୁ ଅଧିକ କଠୋର କରିଛି। ସଂଶୋଧିତ ଆଇନ ଅନୁଯାୟୀ ଏଣିକି ୧୨ ବର୍ଷରୁ କମ୍ ବୟସର ଶିଶୁ (ଉଭୟ ନାବାଳକ ଓ ନାବାଳିକା)ଙ୍କୁ ଦୁଷ୍କର୍ମ ଓ ହତ୍ୟା କରୁଥିବା ଅପରାଧୀଙ୍କୁ କଠୋର ଦଣ୍ଡ ମିଳିବ। ଆଉ ଆଜୀବନ କାରାଦଣ୍ଡ ନୁହେଁ ବରଂ ସିଧାସଳଖ ଫାଶୀଖୁଣ୍ଟରେ ଝୁଲାଇ ଦିଆଯିବ। ଯୌନ ଅପରାଧରୁ ନାବାଳିକାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ କେନ୍ଦ୍ର କ୍ୟାବିନେଟ୍ ପୋକ୍ସୋ ଆଇନ୍‌ରେ ସଂଶୋଧନ କରାଯାଇ ଏହାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛି। ପୂର୍ବରୁ କେନ୍ଦ୍ର ସରକାର 'ପ୍ରୋଟେକ୍‌ସନ୍ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍' (ପୋକ୍ସୋ) ଆଇନ ଅନୁଯାୟୀ ଦୁଷ୍କର୍ମକାରୀକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଗତ ଏପ୍ରିଲ ମାସରେ ଅଧାଦେଶ ଜାରି କରିଥିଲେ। ଏହି ଅଧାଦେଶକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହାଛଡ଼ା ପୋକ୍ସୋ ଆଇନରେ କେତେକ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନାବାଳିକା ଯୌନ ଶୋଷଣ ବଢ଼ି ଚାଲିଥିଲା ବେଳେ ଏହି ସଂଶୋଧନ ଦ୍ୱାରା ଏହା ଉପରେ ଲଗାମ୍ ଲଗାଯାଇ ପାରିବ। ଆଇନମନ୍ତ୍ରୀ କହିଛନ୍ତି, ଆଇନରେ ନୂଆ ସଂଶୋଧନ ଅଣାଯିବା ବେଳେ ନାବାଳିକାର ମାନସିକତା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ଏହାଦ୍ୱାରା ନାବାଳିକାର ସୁରକ୍ଷା ଓ ଇଜ୍ଜତ୍ ବଜାୟ ରହିବ। ପୋକ୍ସୋ ଆଇନ, ୨୦୧୨ ଯୌନ ଉତ୍ପୀଡ଼ନ ଓ ଅଶ୍ଳୀଳତ। (ପର୍ଣ୍ଣୋଗ୍ରାଫି) ଅପରାଧରୁ ନାବାଳିକାକୁ ରକ୍ଷା କରିବା ପାଇଁ ଲାଗୁ ହୋଇଥିଲା। ଏହି ଆଇନର ଧାରା-୪, ଧାରା-୫, ଧାରା-୬, ଧାରା-୯, ଧାରା-୧୪, ଧାରା-୧୫ ଓ ଧାରା - ୪୨ରେ ସଂଶୋଧନ ଅଣାଯିବ। ଧାରା-୪, ଧାରା-୫ ଓ ଧାରା-୬ରେ ପରିବର୍ତ୍ତନ ଅଣାଯାଇ କଠୋର ଦଣ୍ଡ ତଥା ମୃତ୍ୟୁଦଣ୍ଡ ଦିଆଯିବାର ବ୍ୟବସ୍ଥା କରାଯାଇଛି। ➤ ପୃ-୬

# 'ମହାପାପୀଙ୍କୁ କ୍ଷମା ଦେବେନି ରାଜ୍ୟବାସୀ'



**ଭୁବନେଶ୍ୱର :** ଶୁକ୍ରବାର ଦିନ ଶ୍ରୀମନ୍ଦିର ଦ୍ୱାର ନଖୋଲିବା, ଶ୍ରୀଜୀଉଙ୍କ ନୀତିକାନ୍ତି ବନ୍ଦ ରହିବା ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇବାରୁ ହଜାର ହଜାର ଭକ୍ତ ବଂଚିତ ହେବା ରାଜ୍ୟସରକାରଙ୍କ ବିଫଳତା ନୁହେଁ ବରଂ ଏହା ପ୍ରାୟୋଜିତ ବିଶୃଙ୍ଖଳା । ଓଡିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ କ୍ରମାଗତ ଭାବେ ଅପମାନିତ କରିବା ଶାସକ ବିଜେଡିର ଜନ୍ମଜାତକ ବୋଲି ରାଜ୍ୟ ବିଜେପି ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଗତକାଲି ଠାରୁ ଆଜି ସଂନ୍ଧ୍ୟା ପର୍ଯ୍ୟନ୍ତ ସାଢେ ୪ କୋଟି ଓଡିଆଙ୍କ ଆରାଧ୍ୟ ଦେବତାଙ୍କୁ ଉପାସରେ ରଖାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଆଜି ଦୀର୍ଘ ସମୟ ଧରି ଶ୍ରୀଜୀଉଙ୍କୁ ଉପାସରେ ରଖି ଭକ୍ତମାନଙ୍କୁ ଦର୍ଶନରୁ ବଂଚିତ କରି ପୋଲିସ ପ୍ରଶାସନ ଦ୍ୱରା ବିଦ୍ରୂପ କରାଯାଇଥିଲା । ରାଜ୍ୟର ଆରାଧ୍ୟ ଦେବତା ପ୍ରତି ଏଭଳି ଅପମାନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ନୀରବତା ଦର୍ଶାଉଛି ଯେ, ଏହା ଏକ ସୁଚିନ୍ତିତ ଓ ପ୍ରାୟୋଜିତ ସରକାରୀ ବିଶୃଙ୍ଖଳା। ପିପିଲି ଦୁଷ୍କର୍ମ ଘଟଣାରେ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ➤ ପୃ-୬

### ବିଜେଡି ପ୍ରତିଷ୍ଠା ଦିବସରେ କେନ୍ଦ୍ରକୁ ନବୀନଙ୍କ ୯ଟି ପ୍ରଶ୍ନ

# ସ୍ୱତନ୍ତ୍ର ପାହ୍ୟା ନୁହେଁ; ଆର୍ଥିକ ସ୍ୱାତନ୍ତ୍ର୍ୟତା ଦିଅ



**ଭୁବନେଶ୍ୱର :** ବିଜୁ ଜନତା ଦଳର ୨୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦଳର ମାନ୍ୟବର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ନେତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଦଳକୁ ସମ୍ବୋଧନ କରି ଆଞ୍ଚଳିକ ଦଳମାନଙ୍କ ପ୍ରତି ଲୋକଙ୍କ ସମର୍ଥନ ବଢୁଛି ଓ ଏହାର କାରଣ କ'ଣ ବୋଲି କହିଥିଲେ। ତତ୍‌ସହିତ କେନ୍ଦ୍ର ସରକାରଙ୍କ ୯ଟି ପ୍ରସଙ୍ଗକୁ ନେଇ ସଫଳ କାହାଣୀ କହିବି ବୋଲି କହି ପରୋକ୍ଷରେ ସେହି ୯ଟି ପ୍ରସଙ୍ଗର ବିଫଳତାକୁ ଶ୍ରୀ ପଟ୍ଟନାୟକ ଉପସ୍ଥିତ ନେତା ଓ କର୍ମୀମାନଙ୍କୁ ଦର୍ଶାଇଥିଲେ। ଜାତୀୟ ରାଜପଥ କ୍ଷେତ୍ରରେ ରାଉରକେଲାରୁ କଟକ ଆସୁଥିଲା ବେଳେ ସମ୍ବଲପୁର ପର୍ଯ୍ୟନ୍ତ କୌଣସି ସମସ୍ୟା ନାହିଁ। କାରଣ ଏହା ବିଜୁ ଏକ୍ସପ୍ରେସ୍ ୱେର ଅଂଶବିଶେଷ, ଯାହାକି ରାଜ୍ୟ ସରକାରଙ୍କ ସଫଳତାର ପରିଚୟ। କିନ୍ତୁ ସମ୍ବଲପୁର ପରେ ବିନା ବୋର୍ଡ ଦେଖି ଆଖି ବନ୍ଦ କରି ମଧ୍ୟ ଜାଣି ହେବ ଯେ ଜାତୀୟ ରାଜପଥ ➤ ପୃ-୬







# ନିଉ ଇଣ୍ଡିଆର ବିକାଶ ପାଇଁ ଓଡ଼ିଶା ସାଜିବ ଇଞ୍ଜିନ୍ : ପ୍ରଧାନମନ୍ତ୍ରୀ



**ଭୁବନେଶ୍ୱର :** ଓଡିଶାର ବିକାଶ ଓ ପ୍ରଗତି ପାଇଁ କେନ୍ଦ୍ର ସରକାର ସଂକଳ୍ପବଦ୍ଧ। ଏହାର ନିଦର୍ଶନ ସ୍ୱରୂପ ରାଜ୍ୟରେ ୧୪,୫୨୩ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଆଧାରଶିଳା ରଖାଯିବା ସହ ଆଉ କେତେକ ପ୍ରକଳ୍ପର ଉଦ୍ଘାଟନ କରାଯାଇଛି। ଏହି ପ୍ରକଳ୍ପ ମଧ୍ୟରେ ରହିଛି ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ, ଗ୍ୟାସ ଯୋଗାଣ, ସଡକ ଓ ସାଂସ୍କୃତିକ ଐତିହ୍ୟ ପରିଯୋଜନା। ଏହିସବୁ ଯୋଜନା ଓଡିଶାର ପ୍ରଗତି ଓ ଜନଜୀବନକୁ ସୁଗମ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତା'ସହିତ ବିକାଶ ପ୍ରକ୍ରିୟାରେ ରାଜ୍ୟବାସୀଙ୍କ ସକ୍ରିୟ ଯୋଗଦାନ ଆବଶ୍ୟକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭୁବନେଶ୍ୱର ନିକଟସ୍ଥ ଅରଗୁଳଠାରେ ଆଇଆଇଟି ଭୁବନେଶ୍ୱରର ପୂର୍ଣ୍ଣାଙ୍ଗ କ୍ୟାମ୍ପସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିବା ଅବସରରେ ସେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୨୬୦ କୋଟି ଟଙ୍କା ଏହି ଶିକ୍ଷା ପ୍ରକଳ୍ପରେ ଖର୍ଚ୍ଚ କରାଯାଇଛି । କେନ୍ଦ୍ର ସରକାର ଓଡିଶା ସମେତ ପୂର୍ବ ଭାରତର ବିକାଶକୁ ଅଗ୍ରପ୍ରାଧାନ୍ୟ ଦେଇଛନ୍ତି । ଏହି ଅଞ୍ଚଳର ଜରୁରୀ ସୁବିଧା ଓ ସଂରଚନା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ପୂର୍ବ ଭାରତକୁ ଦକ୍ଷିଣ ଏସିଆର ପ୍ରବେଶ ଦ୍ୱାର ରୂପେ ଗଢ଼ି ତୋଳିବା ଲାଗି ଉଦ୍ୟମ ହେଉଛି । ଆଇଆଇଟି ଭଳି ପ୍ରତିଷ୍ଠାନ ଓଡିଶାର ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ଉପଯୋଗ ଦିଗରେ ଉନ୍ନତର ଗବେଷଣା କରିବ ଏବଂ ଯୁବଛାତ୍ର ଗୋଷ୍ଠୀକୁ ନବସୃଜନ ଦିଗରେ ଅନୁପ୍ରାଣିତ କରିବ । ଏହି ଅନୁଷ୍ଠାନ ନୂଆ ନୂଆ ଉଦ୍ୟମୀ ଓ ଷ୍ଟାର୍ଟ ଅପ ସୃଷ୍ଟି କରିବାରେ ମଧ୍ୟ ସହାୟକ ହେବ। ପ୍ରଧାନମନ୍ତ୍ରୀ ସଭାସ୍ଥଳରୁ ୧୬୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଆଇଜର, ବ୍ରହ୍ମପୁର କ୍ୟାମ୍ପସର ଆଧାରଶିଳା ରଖିଥିଲେ। ସେ କହିଥିଲେ ଯେ, ଆଧୁନିକ ଟେକ୍ନୋଲଜି ଉଦ୍ଭାବନ କରିବାରେ ଆଇଆଇଟି, ନାଇଜର ଏବଂ ଆଇଜର ରାଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡିଶାରେ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ନେବ। ସେ କହିଥିଲେ ଯେ, ଇଏସଆଇ ହସ୍ପିଟାଲର ମଧ୍ୟ ଉଦ୍ଘାଟନ କରାଯାଇଛି । ଭୁବନେଶ୍ୱରସ୍ଥିତ ଏହି ହସ୍ପିଟାଲକୁ ୧୦୦ ଶଯ୍ୟା ବିଶିଷ୍ଟ କରାଯାଇଛି । ଏହାଛଡା ଆଧୁନିକ ଭିତିଭୂମି ମଧ୍ୟ ହସ୍ପିଟାଲରେ ସ୍ଥାପନ କରାଯାଇଛି। ଏବେ ସାରା ଦେଶରେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା - ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ ହେଉଛି । ଏହା ଅଧିନରେ ଓଡିଶାରେ ୧୧୫୦ଟି ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର ଖୋଲାଯିବ । ରାଜ୍ୟର ଦୁର୍ଗମ ଅଞ୍ଚଳକୁ ବ୍ୟାପକ ସଡକ ନେଟୱାର୍କ ଯୋଗେ ଯୋଡାଯିବ । ଆଜି ପ୍ରାୟ ୪୫୦୦ କୋଟି ଟଙ୍କାର ସଡକ ପ୍ରକଳ୍ପର ଆଧାରଶିଳା ରଖାଯାଇଛି । କେନ୍ଦ୍ର ସରକାର ଓଡିଶାରେ ସଡକ ନେଟୱାର୍କ ୧୦ ହଜାର କିଲୋମିଟରକୁ ସମ୍ପ୍ରସାରିତ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ଏହା ରାଜ୍ୟରେ ଉଦ୍ୟୋଗ ବିକାଶ ତଥା ପରିବହନ ସୁବିଧାକୁ ସୁଗମ କରିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ତୈଳ ଓ ପ୍ରାକୃତିକ ବାଷ୍ପ ଉଦ୍ୟୋଗର ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଶିଳାନ୍ୟାସ କରାଯାଇଥିବା ପାରାଦୀପ-ହାଇଦ୍ରାବାଦ ପାଇପ ଲାଇନ ବ୍ରହ୍ମପୁର, ବିଶାଖାପାଟଣା, ବିଜୟୱାଡା, ରାଜମହେନ୍ଦ୍ରୀ ଦେଇ ହାଇଦ୍ରାବାଦରେ ପହଞ୍ଚିବ। ଫଳରେ ପାଇପ ଲାଇନ ସଂଲଗ୍ନ ଅଂଚଳର ଲୋକେ ତଥା ଉଦ୍ୟୋଗ ଜଗତ ପେଟ୍ରୋଲ, ➤ ପୃ-୬

## ବକ୍ରବାଣୀ



ମନ ଲାଖି ପଦ ପାଉନାହାଁନ୍ତି
ଯିବେ ଯିବେ ବୋଲି ଯାଉନାହାଁନ୍ତି
ଆନା ବୁଢ଼ା ପରି ସଭା କରିବେ
ଚୁଡିଦାର ଛାଡି ଧୋତି ଧରିବେ
ଭୋଅଟ ସଇଲେ କିଏ ଲୋଡିବ
ଚିବିଶ ବେଳକୁ ଖୋଜା ପଡିବ
ଫୁଲ ଛାଡି ଭାଇ ଶଙ୍ଖ ଫୁଙ୍କିବେ
ଶଙ୍ଖ ଛାଡି ନନା ଫୁଲ ଆଙ୍କିବେ
କେନ୍ଦରାପଡାରୁ ଦିହେଁ ଲଢ଼ିବେ
ନୂଆ ପୂଜା ନୂଆ ମନ୍ତ୍ର ପଢ଼ିବେ।

—— ଟୁଟୁ

# ପାଟକୁରା : ମାନସ ମହାନ୍ତିଙ୍କ ଲୋକପ୍ରିୟତା ବଢୁଛି



**ଭୁବନେଶ୍ୱର :** ରାଜ୍ୟର ୧୪୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ରାପଡ଼ା ଜିଲ୍ଲାର ପାଞ୍ଚଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ପାଟକୁରା ଅନ୍ୟତମ। ଏହି ନିର୍ବାଚନ ମଣ୍ଡଳୀର ଦୁଇପଟେ ଦୁଇଟି ନଦୀ ପ୍ରବାହିତ ହେଉଛି। ଗୋଟିଏପଟେ ପାଇକା ଓ ଅନ୍ୟପଟେ ଗୋବରୀ। ଗରଦପୁର ବ୍ଲକର ୧୮ଟି, ଡେରାବିଶ ବ୍ଲକର ୨୬ଟି ଓ ମାର୍ଶାଘାଇର ୭ଟି ପଞ୍ଚାୟତକୁ ନେଇ ସମୁଦାୟ ୫୧ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ଏହାର ମୋଟ ବୁଥ୍ ସଂଖ୍ୟା ୩୦୭। ସେଥିମଧ୍ୟରେ ଗରଦପୁର ବ୍ଲକରେ ୧୨୫, ଡେରାବିଶରେ ୧୪୪ ଓ ମାର୍ଶାଘାଇର ୩୮ ବୁଥ୍, ମୋଟ ୭ଟି ଜୋନ୍। ଗତଥର ଜନଗଣନା ଅନୁସାରେ ଏଠାରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୨୪ ହଜାରରୁ ଅଧିକ। ଅତୀତର ରାଜନୀତି ପୃଷ୍ଠାକୁ ଅନୁଧ୍ୟାନ କଲେ ଜଣାପଡେ ଯେ, ଏହି ନିର୍ବାଚନ ମଣ୍ଡଳୀଟି ସବୁବେଳେ ଅଣକଗ୍ରେସ ସପକ୍ଷରେ ରହିଛି। ଗତ ନିର୍ବାଚନରେ ବିଜୁ ଜନତା ଦଳର ବେଦପ୍ରକାଶ ଅଗ୍ରୱାଲ ଓ ଭାରତୀୟ ଜନତା ପାର୍ଟିର ଇଂ. ମାନସ ରଞ୍ଜନ ମହାନ୍ତି ଓ କଂଗ୍ରେସର ଜୟନ୍ତ କୁମାର ମହାନ୍ତି ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଶ୍ରୀ ଅଗ୍ରୱାଲ ବହୁ ଅଧିକ ଭୋଟ ପାଇ ଏଠାରୁ ନିର୍ବାଚିତ ହୋଇଥିଲେ। ଭୋଟର ବ୍ୟବଧାନ ଥିଲା ୫୭ ହଜାରରୁ ଅଧିକ। ମାତ୍ର ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ସ୍ଥିତି ଏଠାରେ ସେତେ ଭଲ ନଥିଲା। ରାଜ୍ୟରେ ବିଜେଡି ଶାସନ କ୍ଷମତାରେ ଥାଇ ମଧ୍ୟ ଏହି ସାତଟି ଜୋନ୍ ମଧ୍ୟରୁ ମାତ୍ର ୪ଟି ଆସନ ଜିତିବାକୁ ସକ୍ଷମ ହୋଇଥିଲା ବେଳେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ବିଜେପି ୩ଟି ଆସନ ଛଡେଇ ନେଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି କଂଗ୍ରେସ ଏଠାରେ ଗୋଟିଏ ବି ଆସନ ଜିତିପାରି ନଥିଲା। ବିଧାନସଭା ନିର୍ବାଚନରେ ବିଜେଡି ବିଜେପି ଠାରୁ ବହୁ ଅଧିକ ଭୋଟ ପାଇଥିଲା ବେଳେ ଗତ ପଞ୍ଚାୟତ ନିର୍ବାଚନରେ ➤ ପୃ-୬

ନବବର୍ଷ-୨୦୧୯ ଅବସରରେ
ରେଢ଼ାଖୋଲବାସୀଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଅସାଫ୍ ଅଲ୍ଲୀ ଖାନ୍
ସଦସ୍ୟ, ଏଆଇସିସି
ରାଜ୍ୟ ଆବାହକ, ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନ, ଓଡ଼ିଶା
କଂଗ୍ରେସର ଆଶାୟୀ ବିଧାୟକ ପ୍ରାର୍ଥୀ, ରେଢ଼ାଖୋଲ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ତିନି ତଲାକ୍ ବିଲ୍ ପାସ୍



**ନୂଆଦିଲ୍ଲୀ :** ବହୁଚର୍ଚ୍ଚିତ ତିନି ତଲାକ୍ ବିଲ୍ ଲୋକସଭାରେ ପାସ୍ ହୋଇଛି। ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯିବା ଲାଗି ଦାବି କରୁଥିବା ଓ ସଂଶୋଧନ ପ୍ରସ୍ତାବ ଆଣିଥିବା ବିରୋଧୀ ଦଳଗୁଡ଼ିକ ଏହି ସମୟରେ କକ୍ଷତ୍ୟାଗ କରିଥିଲେ। ମୁସ୍‌ଲିମ୍ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍ ୨୦୧୮ ସପକ୍ଷରେ ୨୪୫ ଭୋଟ୍ ଓ ବିପକ୍ଷରେ ମାତ୍ର ୧୧ ଭୋଟ୍ ମିଳିବାରୁ ସଂସଦର ନିମ୍ନ ସଦନରେ ଏହା ଗୃହୀତ ହୋଇଛି। ଏହି ବିଲ୍‌କୁ ଏବେ ରାଜ୍ୟସଭାକୁ ଅନୁମୋଦନ ପାଇଁ ପଠାଯିବ। ସଂଶୋଧିତ ତିନି ତଲାକ୍ ବିଲ୍ ଲୋକସଭାରେ ଆଗତ କରି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଲେ, ଏହି ବିଲ୍ ନେଇ କୌଣସି ରାଜନୀତି କରାଯିବା ଅନୁଚିତ। ଏହା କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଉଦ୍ଦିଷ୍ଟ ନୁହେଁ। ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ବିଚାର ନ କରି ମାନବିକତା ଓ ନ୍ୟାୟ ଦୃଷ୍ଟିରୁ ବିଚାର କରିବା ଯଥାର୍ଥ ହେବ। ବିରୋଧୀ ଦଳଗୁଡ଼ିକୁ ଆକ୍ଷେପ କରି ଆଇନମନ୍ତ୍ରୀ କହିଲେ, ଭୋଟ୍ ବ୍ୟାଙ୍କ୍ ରାଜନୀତିକୁ ଦୃଷ୍ଟିରେ ରଖି ବିଲ୍ ପାସ୍ କରାଯିବାରେ ପ୍ରତିବନ୍ଧକ ସୃଷ୍ଟି କରାଯାଉଛି। ପୂର୍ବରୁ ଲୋକସଭାରେ ପାସ୍ ହୋଇଥିବା ବିଲ୍ ସ୍ଥାନରେ ଏହି ନୂଆ ବିଲ୍ ଅଣାଯାଇଛି। ଏହି ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ତିନି ତଲାକ୍ ପ୍ରଥାକୁ ଫୌଜଦାରୀ ଅପରାଧ ଭାବେ ବିବେଚନା କରାଯିବ ଏବଂ ଏଥିରେ ଦୋଷୀଙ୍କୁ ୩ ବର୍ଷ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି। ଗତ ସେପ୍ଟେମ୍ବରରେ ଏ ସଂକ୍ରାନ୍ତରେ ଏକ ଅଧ୍ୟାଦେଶ ଜାରି ହୋଇଥିଲା। ଏହାକୁ ହଟାଇବା ପାଇଁ ଡିସେମ୍ବର ୧୭ରେ ଲୋକସଭାରେ ଏହି ସଂଶୋଧିତ ବିଲ୍ ଆଗତ ହୋଇଥିଲା। ପ୍ରସ୍ତାବିତ ଆଇନ ଅନୁଯାୟୀ ତତ୍କାଳ ତିନି ତଲାକ୍ ଦେଉଥିବା ସ୍ୱାମୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହେବ। ରାଜ୍ୟସଭାରେ ଏହି ବିଲ୍‌କୁ କେତେକ ରାଜନୈତିକ ଦଳ ବିରୋଧ କରିବାରୁ ସରକାର ସେତେବେଳେ ସେଥିରେ କେତେକ ସଂଶୋଧନ ଆଣିଲେ। ଏପରିକି ଏଥିରେ ଜାମିନ୍ ମିଳିବାର ସୁବିଧା ରଖାଗଲା। ଲୋକସଭାରେ ଏହି ବିଲ୍ ଉପରେ ଦୀର୍ଘ ବିତର୍କ ଉପରେ ଆଇନମନ୍ତ୍ରୀ ରବି ଶଙ୍କର ପ୍ରସାଦ ଉତ୍ତର ଦେଇସାରିବା ମାତ୍ରେ କଂଗ୍ରେସ, ତୃଣମୂଳ କଂଗ୍ରେସ, ଏଆଇଏଡିଏମ୍‌କେ ଓ ଆର୍‌ଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ବିରୋଧୀ ଦଳଗୁଡ଼ିକ ଏକାଧିକ ସଂଶୋଧନ ପ୍ରସ୍ତାବ ଆଣିଥିଲେ ମଧ୍ୟ ଭୋଟ୍ ବିଭାଜନ ଦ୍ୱାରା ତାହା କାଟ୍ ଖାଇଥିଲା। ବିଲ୍‌କୁ ଅନୁଧ୍ୟାନ ପାଇଁ ସିଲେକ୍ଟ କମିଟିକୁ ପଠାଯିବା ଲାଗି ବିରୋଧୀ ଦଳର ଦାବି ଉପରେ ଆଇନମନ୍ତ୍ରୀ କହିଲେ, ସରକାର ସଦସ୍ୟମାନଙ୍କ ଆପତ୍ତିଗୁଡ଼ିକୁ ବିଚାରକରି ବିଲ୍‌ରେ ସଂଶୋଧନ ଆଣିଛନ୍ତି। ତେଣୁ ଏହାକୁ ସିଲେକ୍ଟ କମିଟିକୁ ପଠାଯିବାର ଆଉ ଆବଶ୍ୟକତା ନାହିଁ। ବିଲ୍‌ର ବ୍ୟବସ୍ଥା ଅନୁଯାୟୀ କୌଣସି ବ୍ୟକ୍ତି ଏବଂ ତାଙ୍କର ପରିତ୍ୟକ୍ତା ପତ୍ନୀ ବୁଝାମଣା ଚାହିଁଲେ ମାମଲା ପ୍ରତ୍ୟାହାର କରାଯାଇ ପାରିବ। ୨୦୧୭ ଜାନୁଆରୀରୁ ଏ ପର୍ଯ୍ୟନ୍ତ ୪୭୭ଟି ତିନି ତଲାକ୍ ମାମଲା ରିପୋର୍ଟ ହୋଇଛି। ଜଣେ ପ୍ରଫେସର ତାଙ୍କର ପତ୍ନୀଙ୍କୁ ହ୍ୱାଟ୍ସଆପ୍‌ରେ ତିନି ତଲାକ୍ ଦେଇଥିବା ନଜରକୁ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଲିରେ ଯୋଗଦେବାରୁ ପତ୍ନୀଙ୍କୁ ଜଣେ ମୁସ୍‌ଲିମ୍ ବ୍ୟକ୍ତି ତଲାକ୍ ଦେବା ପରିତାପର ବିଷୟ। ତେଣୁ ଏହାକୁ ରୋକିବାକୁ ହେଲେ ସମଗ୍ର ଗୃହ ଏକଜୁଟ୍ ହେବା ଦରକାର ବୋଲି ଆଇନମନ୍ତ୍ରୀ ରବିଶଙ୍କର କହିଥିଲେ।

## ବିମାନବନ୍ଦରରେ ଏଣିକି ଆଞ୍ଚଳିକ ଭାଷାରେ ସୂଚନା

**ନୂଆଦିଲ୍ଲୀ :** ଏଣିକି ଦେଶର ସବୁ ବିମାନ ବନ୍ଦରରେ ହିନ୍ଦୀ ଓ ଇଂରାଜୀ ଭାଷାରେ ସାଧାରଣ ଲୋକଙ୍କୁ ସୂଚନା ଦିଆଯିବାକୁ ବୁଧବାର କେନ୍ଦ୍ର ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ନିର୍ଦ୍ଦେଶରେ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ସବୁ ବିମାନ ବନ୍ଦରକୁ ସ୍ଥାନୀୟ ଭାଷା ସମେତ ହିନ୍ଦୀ ଓ ଇଂରାଜୀ ଭାଷାରେ ଘୋଷଣା କରିବାକୁ ଚିଠି ଲେଖିଛନ୍ତି। ଘରୋଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟକୁ କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ ଚିଠି ଲେଖାଯାଇ ସ୍ଥାନୀୟ ଭାଷାରେ ଘୋଷଣା କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଏହି ନିର୍ଦ୍ଦେଶନାମା ବିନା ଘୋଷଣାନାମାରେ ଚାଲିଥିବା ବିମାନ ବନ୍ଦର ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଭୁ ସ୍ପଷ୍ଟ କରିଛନ୍ତି। ୨୦୧୬ରେ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ନିଜ ପରିଚାଳନାଧୀନ ବିମାନ ବନ୍ଦରରେ ହିନ୍ଦୀ ଓ ଇଂରାଜୀ ଭାଷାରେ ଘୋଷଣାନାମା କରିବାକୁ ନିଷ୍ପତ୍ତି ନେଇଥିଲେ। ଉଲ୍ଲେଖ କରାଯାଉଛି କି ବିମାନବନ୍ଦରରେ ସ୍ଥାନୀୟ ଭାଷାରେ ଘୋଷଣା କରିବା ଉପରେ ବେଶ୍ କିଛିବର୍ଷ ଧରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲା।

## ଏଫ୍‌ଡିଆଇ ବିନିଯୋଗ ଲକ୍ଷ୍ୟ ୧୦ ହଜାର କୋଟି ଡଲାର

**ନୂଆଦିଲ୍ଲୀ :** ଭାରତରେ ଅଗାମୀ ଦୁଇ ବର୍ଷ ମଧ୍ୟରେ ୧୦ ହଜାର କୋଟି ଡଲାର ମୂଲ୍ୟର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ ପାଇଁ ଲକ୍ଷ୍ୟ ରଖାଯାଇଛି। ବିଶେଷ କରି ଜାପାନ, ଦକ୍ଷିଣ କୋରିଆ, ଚୀନ୍ ଏବଂ ରୁଷିଆ ଭଳି ରାଷ୍ଟ୍ରମାନଙ୍କ ପାଇଁ ସ୍ୱତନ୍ତ୍ର କ୍ଲଷ୍ଟର କରାଯାଇ ବିଭିନ୍ନ କ୍ଷେତ୍ରରେ ଉପରୋକ୍ତ ପରିମାଣର ପୁଞ୍ଜି ବିନିଯୋଗ କରାଯିବ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଭାରତରେ ଯେଉଁ ବିଦେଶୀ ରାଷ୍ଟ୍ର ଯେଉଁ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରି ଉଦ୍ୟୋଗ ପ୍ରତିଷ୍ଠା କରିବେ ସେଗୁଡ଼ିକୁ ମନ୍ତ୍ରଣାଳୟ ପକ୍ଷରୁ ଚିହ୍ନଟ କରାଯାଇଛି ବୋଲି ସେ କହିଛନ୍ତି। ଏହି ଲକ୍ଷ୍ୟରେ ବିଭିନ୍ନ ବିଦେଶୀ ରାଷ୍ଟ୍ରରେ ରୋଡ୍ ଶୋ କରାଯାଇଥିବା ବେଳେ ଖୁବ୍ ଶୀଘ୍ର ଏଦିଗରେ ବୁଝାମଣା କରିବା ନେଇ କ୍ଷେତ୍ର ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଫଳରେ ୨୦୧୯ ବର୍ଷରେ ଭାରତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ କ୍ଷେତ୍ରରେ ପ୍ରମୁଖ ରାଷ୍ଟ୍ର ଭାବେ ପ୍ରତିଷ୍ଠା ଲାଭ କରିବ ବୋଲି ସେ କହିଛନ୍ତି। ଏସମ୍ପର୍କରେ ସବିଶେଷ ତଥ୍ୟ ରଖି ସୁରେଶ କହିଛନ୍ତି ଯେ, ଚୀନ୍ ଭାରତରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ସହମତି ପ୍ରକାଶ କରିଥିବା ବେଳେ ସେଠାକାର ଯେଉଁ କମ୍ପାନୀମାନେ ଏଥିରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ଅଛନ୍ତି ସେନେଇ ଚୀନ୍ କର୍ତ୍ତୃପକ୍ଷଙ୍କୁ ତାଲିକା ପ୍ରସ୍ତୁତ କରିବାକୁ ଭାରତ ପକ୍ଷରୁ କୁହାଯାଇଛି। ସେହିପରି ୟୁରୋପ ସମେତ ଆମେରିକା ଏବଂ ଅନ୍ୟାନ୍ୟ ରାଷ୍ଟ୍ରରୁ ମଧ୍ୟ ମାନୁଫାକଚରିଂ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଏବଂ ସୁବିଧା ଦେବାକୁ ଚଳିତ ବର୍ଷ ବ୍ୟବସାୟିକ ନିୟମରେ ଆହୁରି କୋହଳ ନୀତି ଅବଲମ୍ବନ କରାଯାଉଛି ବୋଲି ସୁରେଶ କହିଛନ୍ତି। ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କ୍ଷେତ୍ରରେ ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ଭାରତର ସ୍ଥାନ ଇତି ମଧ୍ୟରେ ବହୁ ଉନ୍ନତି ଘଟିଥିବାରୁ ଭାରତ ଏହାର ସୁଯୋଗ ନେବା ଉଚିତ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ କ୍ଷେତ୍ରରେ ଭାରତର ସ୍ଥାନ ବିଶ୍ୱ ବ୍ୟାଙ୍କ ତାଲିକାରେ ପୂର୍ବରୁ ୧୩୦ ରହିଥିବା ବେଳେ ବର୍ତ୍ତମାନ ଏହା ୭୭କୁ ଉନ୍ନିତ ହୋଇଛି। ବିଦ୍ୟୁତ୍ ଶକ୍ତି ଅନ୍ ଲାଇନ ଟ୍ରେଡିଂ, ରିଟେଲ ଟ୍ରେଡିଂ ଆଦି କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଏକ୍ଷେତ୍ରରେ ବହୁ ବିଦେଶୀ ରାଷ୍ଟ୍ର ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି ବୋଲି ସୁରେଶ କହିଛନ୍ତି।

## 'ଗଗନଯାନ'ରେ ମହାକାଶ ଯିବେ ୩ ଭାରତୀୟ



**ନୂଆଦିଲ୍ଲୀ :** ୨୦୨୨ ସୁଦ୍ଧା ସ୍ୱଦେଶୀ ଜ୍ଞାନକୌଶଳରେ ୩ ଭାରତୀୟଙ୍କୁ ୭ ଦିନ ପାଇଁ ମହାକାଶକୁ ପଠାଯିବ। ଏହି ମାନବ ମିଶନ ଏବଂ ୨ଟି ମାନବ ରହିତ ମିଶନ ଲାଗି 'ଗଗନଯାନ' ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର ୧୦ ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଭାରତର ଗଗନଯାନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆମେରିକା, ରୁଷିଆ ଓ ଚୀନ୍ ପରେ ଭାରତ ଏ କ୍ଷେତ୍ରରେ ବିଶ୍ୱର ୪ର୍ଥ ରାଷ୍ଟ୍ର ଭାବେ ଗଣାହେବ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ସ୍ୱାଧୀନତା ଦିବସ ଉଦ୍‌ବୋଧନରେ ଘୋଷଣା କରିଥିଲେ ଯେ, ୨୦୨୨ ସୁଦ୍ଧା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ମାନବ ମିଶନ କାର୍ଯ୍ୟକାରୀ ହେବ। ଭାରତର ଜଣେ ପୁଅ ବା ଝିଅ ହାତରେ ତ୍ରିରଙ୍ଗା ଧରି ମହାକାଶ ଯାତ୍ରା କରିବେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତର ଏହି ଲକ୍ଷ୍ୟ ପୂରଣ ହେବ ବୋଲି ମୋଦୀ କହିଥିଲେ। ମହାକାଶକୁ ମାନବ ପଠାଯିବା ପାଇଁ ଜିଏସ୍‌ଏଲ୍‌ଭି ଏମ୍‌କେ-୩ ବ୍ୟବହାର କରାଯିବ। ପୃଥିବୀ କକ୍ଷପଥର ୩୦୦-୪୦୦ କିଲୋମିଟର ନିମ୍ନ ଭାଗରେ ମହାକାଶ ଯାନ ସ୍ଥାପିତ ହେବ। ଉତ୍କ୍ଷେପଣର ୧୬ ମିନିଟ୍ ମଧ୍ୟରେ ମହାକାଶ ଯାନ କକ୍ଷ ପଥରେ ପହଞ୍ଚିବ। ମହାକାଶଚାରୀମାନେ ପୃଥିବୀ ପୃଷ୍ଠକୁ ଫେରିଲା ବେଳେ ଆରବ ସାଗରର ଗୁଜରାଟ ଉପକୂଳ କିମ୍ବା ବଙ୍ଗୋପସାଗର ଉପକୂଳ ଅଥବା ଭୂମିରେ ଅବତରଣ କରିବେ। ଭାରତୀୟ ବାୟୁସେନା ସହଯୋଗରେ ଇସ୍ରୋ ୩ ଜଣ ମହାକାଶଚାରୀ ବାଛୁଛି। କିନ୍ତୁ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଇତିମଧ୍ୟରେ ଲଞ୍ଚ୍ ହେବାକୁ ଥିବା ଜିଏସ୍‌ଏଲ୍‌ଭି ଏମ୍‌କେ-୩ ବିକଶିତ କରିସାରିଲାଣି ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି।

## ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ୩ଟି ଦ୍ୱୀପର ନାମ ବଦଳିବ

**ନୂଆଦିଲ୍ଲୀ :** ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଅନ୍ତର୍ଗତ ରସ୍ ଆଇଲାଣ୍ଡ, ନେଲ୍ ଆଇଲାଣ୍ଡ ଓ ହାଭ୍‌ଲକ୍ ଆଇଲ୍ୟାଣ୍ଡର ନାମ ପରିବର୍ତ୍ତନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ତିନୋଟି ଦ୍ୱୀପର ନାମ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଇଲାଣ୍ଡ, ସହିଦ ଦ୍ୱୀପ ଓ ସ୍ୱରାଜ ଦ୍ୱୀପ ରଖାଯିବ। ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ପୋର୍ଟବ୍ଲେୟାର୍‌ରେ ଭାରତର ଜାତୀୟ ପତାକା ଉତ୍ତୋଳନ କରିବାର ୭୫ ବର୍ଷ ସ୍ମରଣାର୍ଥେ ମୋଦୀ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦୁର୍ଦ୍ଧର୍ଷ ଜାପାନ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଦଖଲ କରିଥିଲା। ଜାପାନ ସରକାରଙ୍କ ସହ କଥାବାର୍ତ୍ତା କରି ନେତାଜୀ ସୁଭାଷ ବୋଷ ୧୯୪୩ ଡିସେମ୍ବର ୩୦ରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ସ୍ୱାଧୀନତା ଘୋଷଣା କରି ପୋର୍ଟବ୍ଲେୟାରରେ ଭାରତର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ନାମ ପରିବର୍ତ୍ତନ କରି ସହିଦ ଓ ସ୍ୱରାଜ ଦ୍ୱୀପ ରଖିବାକୁ ନେତାଜୀଙ୍କ ଅଭିଳାଷ ଥିଲା। ସୁଭାଷ ବୋଷଙ୍କ ଆଜାଦ ହିନ୍ଦ ସରକାର ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ପର୍ଯ୍ୟନ୍ତ ରାଜ କରୁଥିଲା। ନେତାଜୀଙ୍କ ପରେ ଆଜାଦ ହିନ୍ଦ ସରକାର ଭାଙ୍ଗି ଯାଇଥିଲା।

## ଆଫ୍‌ଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନ ସ୍ଥଗିତ

**କାବୁଲ :** ଆସନ୍ତା ଏପ୍ରିଲ ମାସରେ ହେବାକୁ ଥିବା ଆଫଗାନିସ୍ତାନ ରାଷ୍ଟ୍ରପତି ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ନେଇ ରହିଥିବା କେତେକ ବ୍ୟବସ୍ଥାର ବୈଷୟିକ ତ୍ରୁଟିର ସମାଧାନ ଏବଂ ଅନ୍ୟ କେତେକ ବ୍ୟବସ୍ଥାରେ ସୁଧାର ଆଣିବା ଲକ୍ଷ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ଅନ୍ୟୂନ ୭ ରୁ ୮ ମାସ ପର୍ଯ୍ୟନ୍ତ ଘୁଞ୍ଚି ଦିଆଯାଇଛି ବୋଲି ଆଫଗାନିସ୍ତାନର ଉପ ମୁଖପାତ୍ର ଅବଦୁଲ ଅଜିଜ୍ ସୂଚନା ଦେଇଛନ୍ତି। ଗତ ଅକ୍ଟୋବର ମାସରେ ଏଠାରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନ ପ୍ରକ୍ରିୟାରେ କେତେକ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ବିଶେଷ କରି ଭୋଟ୍ ଜାଲିଆତି ରୋକିବା ନେଇ ହୋଇଥିବା ବାୟୋମେଟ୍ରିକ୍ ବ୍ୟବସ୍ଥାରେ ତ୍ରୁଟି ଦେଖାଯାଇଥିବା ବେଳେ ଏହାର ନବୀକରଣ ଏବଂ ତ୍ରୁଟି ସମାଧାନ ପାଇଁ ଗୁରୁତ୍ୱ ଦିଆଯାଇଥିବା ଅଜିଜ୍ କହିଛନ୍ତି। ସେହିପରି ଭୋଟର୍ ତାଲିକା ସଂଶୋଧନ ଏବଂ ଏଥିରେ ରହିଥିବା ତ୍ରୁଟି ସମାଧାନ ପାଇଁ ନିର୍ବାଚନ ଆୟୋଗ କର୍ମଚାରୀମାନଙ୍କୁ ଆହୁରି ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଗତ ସଂସଦୀୟ ନିର୍ବାଚନରେ କର୍ମଚାରୀଙ୍କ ଅପାରଗତା ପାଇଁ କେତେକ ଭୋଟ୍ ଗ୍ରହଣ କେନ୍ଦ୍ରରେ ବିଶୃଙ୍ଖଳା ସୃଷ୍ଟି ହେବା ସହ ଭୋଟ ଗ୍ରହଣ ପାଇଁ ସମସ୍ୟା ଦେଖାଯାଇଥିଲା। ହେଲେ ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଯେଭଳି ଏହି ସ୍ଥିତି ନଉପୁଜେ ସେଥିପାଇଁ ନିର୍ବାଚନ ଆୟୋଗ ଗୁରୁତ୍ୱ ଦେଇଥିବା ଅଜିଜ୍ କହିଛନ୍ତି। ସେହିପରି ୨୦୧୪ରେ ଶେଷ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏହି ସମୟରେ ମଧ୍ୟ ଭୋଟ୍ ଗ୍ରହଣ କ୍ଷେତ୍ରରେ ଜାଲିଆତି ହୋଇଥିବା ଚର୍ଚ୍ଚା ହୋଇଥିଲା। ଏହିସବୁକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଘୁଞ୍ଚାଇ ଦିଆଯାଇଛି ବୋଲି ଅଜିଜ୍ କହିଛନ୍ତି।

## ଖୁବ୍‌ଶୀଘ୍ର ଘୋଷଣା ହେବ ସମନ୍ୱିତ ସ୍ୱର୍ଣ୍ଣ ନୀତି



**ନୂଆଦିଲ୍ଲୀ :** ସ୍ୱର୍ଣ୍ଣ ଶିଳ୍ପ କ୍ଷେତ୍ରର ସଂପ୍ରସାରଣ ଏବଂ ଏହି କ୍ଷେତ୍ରରୁ ଅଧିକ ରପ୍ତାନି ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିଥିବା ବେଳେ ଖୁବ୍‌ଶୀଘ୍ର ସମନ୍ୱିତ ସ୍ୱର୍ଣ୍ଣ ନୀତି ଘୋଷଣା କରାଯିବ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ସାଂପ୍ରତିକ ସ୍ଥିତିରେ ସୁନାର ଚାହିଦା ଅପେକ୍ଷାକୃତ ଭାବେ ହ୍ରାସ ପାଇଥିଲା ବେଳେ ଏହି ଶିଳ୍ପ କ୍ଷେତ୍ରରେ କେତେକ ସମସ୍ୟା ଦେଖାଯାଇଛି। ତେବେ ଏହି କ୍ଷେତ୍ର ସହ ସମ୍ପୃକ୍ତ ଉଦ୍ୟୋଗୀମାନଙ୍କୁ ନେଇ ଉପରୋକ୍ତ ନୂତନ ନୀତି ପ୍ରଣୟନ କରାଯିବା ସହ ଅଧିକରୁ ଅଧିକ ସୁନା ଆମଦାନୀ ପାଇଁ ପ୍ରୋତ୍ସାହିତ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ନଭେମ୍ବର ମାସରେ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ୧୬.୬୭ ବିଲିୟନ ଡଲାରକୁ ଖସି ଆସିଛି। ଏହି ସମୟ ମଧ୍ୟରେ ଭାରତର ସୁନା ଆମଦାନୀରେ ୧୫.୫୯ ପ୍ରତିଶତ ହ୍ରାସ ଘଟି ମୋଟ ୨.୭୬ ବିଲିୟନ ଡଲାର ମୂଲ୍ୟର ସୁନା ଆମଦାନୀ କରାଯାଇଥିବା ବେଳେ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନୀରେ ୦.୮୦ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ବର୍ତ୍ତମାନ ଦେଶର ବାଣିଜ୍ୟିକ ନିଅଣ୍ଟ ବ୍ୟବସ୍ଥାକୁ ନେଇ ଚଳିତ ବର୍ଷର ଆର୍ଥିକ ଅଭିବୃଦ୍ଧି ସ୍ଥିତି ସର୍ବାଧିକ ଭାବେ ନିର୍ଭର କରୁଥିବା ବେଳେ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିଛନ୍ତି। ବିଶେଷ କରି ଇଲେକଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆମଦାନୀ ଉପରେ କିଛି ମାସ ତଳେ ସରକାର ଅବକାରୀ ଶୁଳ୍କ ବୃଦ୍ଧି କରିବା ସହ ନିର୍ଦ୍ଦିଷ୍ଟ କେତେକ ଦ୍ରବ୍ୟ ଆମଦାନୀ ପାଇଁ ମଧ୍ୟ ପ୍ରତିବନ୍ଧକ ଲଗାଇଥିଲେ। ତେବେ ଆଗାମୀ ଦିନରେ ସୁନା ଆମଦାନୀ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ଭାରତୀୟ ସେନା ପାଇଁ ନିର୍ଣ୍ଣାୟକ ଭୂମିକା ନିଭାଇବ 'ବୋଗିବିଲି ସେତୁ'



**ନୂଆଦିଲ୍ଲୀ :** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜନ୍ମ ଦିବସ ଅବସରରେ ଭାରତର ଦୀର୍ଘତମ ରେଳ ଓ ସଡ଼କ ପୋଲ 'ବୋଗିବିଲି ବ୍ରିଜ୍'କୁ ଲୋକାର୍ପିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୧୯୯୭ ଜାନୁଆରୀ ୨୨ରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଏଚଡି ଦେବେଗୌଡ଼ା ଏହି ସେତୁର ଶିଳାନ୍ୟାସ କରିଥିଲେ। ୨୦୦୨ ଏପ୍ରିଲ ୨୧ରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ସେତୁ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ବିଭିନ୍ନ କାରଣକୁ ନେଇ ପ୍ରକଳ୍ପ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲେ ହେଁ ଦୀର୍ଘ ୨୧ ବର୍ଷ ପରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମୂହ ପାଇଁ ଲାଇଫ୍‌ଲାଇନ କୁହାଯାଉଥିବା ଏହି ପୋଲକୁ କାର୍ଯ୍ୟକାରୀ କରାଯାଇଥିବାରୁ ସାଧାରଣରେ ଆନନ୍ଦଲହରୀ ଖେଳିଯାଇଛି। ବ୍ରହ୍ମପୁତ୍ର ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ଆସାମର ବୋଗିବିଲି ସହର ସହ ଏହି ପୋଲ ନଦୀର ଉତ୍ତର ପାର୍ଶ୍ୱରେ ଥିବା ଅରୁଣାଚଳ ପ୍ରଦେଶର ପାଶୀଘାଟ ଅଞ୍ଚଳକୁ ସଂଯୋଗ କରୁଥିବା ବେଳେ ଉଭୟ ରାଜ୍ୟ ମଧ୍ୟରେ ସଡ଼କ ଏବଂ ରେଳପଥରେ ଯାତ୍ରା ସମୟ ଆଶାତୀତ ଭାବେ ହ୍ରାସ ପାଇଛି। କେବଳ ସାଧାରଣ ଯାତାୟତ ବ୍ୟବସ୍ଥା ନୁହେଁ, ସମଗ୍ର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମୂହର ଅର୍ଥନୈତିକ ବିକାଶ ପାଇଁ ଏହି ପୋଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିସହ ଅରୁଣାଚଳ ପ୍ରଦେଶରେ ଚୀନ୍ ସହ ରହିଥିବା ଦୀର୍ଘ ୪୦୦୦ କିମି ସୀମାଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା କ୍ଷେତ୍ରରେ ମଧ୍ୟ ଏହି ପୋଲ ଭାରତୀୟ ସେନା ପାଇଁ ନିର୍ଣ୍ଣାୟକ ଭୂମିକା ନିଭାଇବ ବୋଲି କୁହାଯାଇଛି। ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମାଣ କରାଯାଇଥିବା ଏହି ପୋଲର ଲମ୍ବ ୪.୯୪ କିମି ରହିଥିବା ବେଳେ ଏଥିରେ ଦୁଇ ଥାକିଆ ବିଶିଷ୍ଟ ହୋଇଛି। ତଳଥାକରେ ଦୋହରା ରେଳପଥ ଥିବା ବେଳେ ଉପର ଥାକରେ ସଡ଼କ ପଥର ବ୍ୟବସ୍ଥା ହୋଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସର୍ବୋତ୍ତମ କାରିଗରୀ ବିଦ୍ୟା ପ୍ରୟୋଗରେ ନିର୍ମାଣ କରାଯାଇଥିବା ଏହି ସୁଦୀର୍ଘ ପୋଲ ଭାରତୀୟ ରେଳ ବିଭାଗର ଦୀର୍ଘତମ ପୋଲ ଭାବେ ପ୍ରତିଷ୍ଠା ଲାଭ କରିଛି। ଏସିଆ ମହାଦେଶର ଦିତୀୟ ସର୍ବବୃହତ ରେଳ ଓ ସଡ଼କ ପୋଲ ଭାବେ ଏହି ବୋଗିବିଲି ବ୍ରିଜ୍ ୧୨୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହିବ। ପ୍ରାଥମିକ ସ୍ତରରେ ଏହି ପ୍ରକଳ୍ପ ପାଇଁ ମୋଟ ୩୨୩୦.୦୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଏହା ୪,୮୫୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ହେଲେ କାର୍ଯ୍ୟ ଶେଷ ହେବା ବେଳକୁ ପ୍ରକଳ୍ପ ବ୍ୟୟ ରାଶି ପାଖାପାଖି ୬ ହଜାର କୋଟି ଟଙ୍କାରେ ପହଞ୍ଚିଥିବା କୁହାଯାଇଛି। ଭାରତ-ଚୀନ୍ ସୀମାରେ ପହଞ୍ଚିବା ପାଇଁ ଏକଦା ସେନା ପକ୍ଷରେ କଷ୍ଟଦାୟକ ସାବ୍ୟସ୍ତ ହୋଇଥିଲା ବେଳେ ବର୍ତ୍ତମାନ ଏହି ସମସ୍ୟା ରହିବ ନାହିଁ ବୋଲି ସରକାରୀ ସ୍ତରରେ କୁହାଯାଇଛି। ଯେଉଁଥିପାଇଁ ଏହି ପ୍ରକଳ୍ପକୁ ନେଇ ଚୀନ୍ ଏକ ପ୍ରକାର ଭୟଭୀତ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। ଏହା ବ୍ୟତୀତ ଆସାମର ଡିବ୍ରୁଗଡ଼ ସହର ଏବଂ ଅରୁଣାଞ୍ଚଳ ରାଜଧାନୀ ଇଟାନଗର ମଧ୍ୟରେ ସଡ଼କପଥରେ ୧୫୦ କିମି ହ୍ରାସ ପାଇବା ସହ ରେଳପଥରେ ପ୍ରାୟ ୭୦୫ କିମି କମିଯାଇଛି।

## କେମିତି କଟିବ ଏ ସପ୍ତାହ

**ମେଷ** — ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ। ତେଣୁକରି ଜଗିରଖି ଚଳିବାକୁ ହେବ।

**ବୃଷ** — ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି। ସପ୍ତାହଟି ଭଲରେ କଟିବା ଆଶଙ୍କା ରହିଛି।

**ମିଥୁନ** — ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ସୁଖମୟ ହେବାର ଜଣାପଡେ।

**କର୍କଟ** — ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

**ସିଂହ** — ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

**କନ୍ୟା** — ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବେ।

**ତୁଳା** — ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି।

**ବିଛା** — ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି।

**ଧନୁ** — ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

**ମକର** — ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

**କୁମ୍ଭ** — ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ। ତେଣୁକରି ଆପଣଙ୍କୁ ଜଗିରଖି ଚଳିବାକୁ ପଡିବ।

**ମୀନ** — ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ଏଣୁ ଏ ସପ୍ତାହ ଭଲରେ ବିତିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

ଏକମାତ୍ର
ଅନୁସନ୍ଧାନ ପରେ ଖବର







# ଆକାଂକ୍ଷା ଜିଲ୍ଲା ତାଲିକାରେ କୋରାପୁଟ, ନୂଆପଡ଼ା

**ଭୁବନେଶ୍ୱର :** ଆଗକୁ ବଢୁଛି ପଛୁଆ ଜିଲ୍ଲା। ଓଡ଼ିଶାର ପଛୁଆ ଜିଲ୍ଲାଙ୍କୁ ନୀତି ଆୟୋଗ ପ୍ରଶଂସା କରିଛି। ଭାରତର ଶ୍ରେଷ୍ଠ ୫ଟି ଜିଲ୍ଲାମାନଙ୍କ ମଧ୍ୟରେ ଓଡ଼ିଶାର ନୂଆପଡ଼ା ଏବଂ କୋରାପୁଟ ସ୍ଥାନ ପାଇଛି। ପଛୁଆ ପାଇଁ ନୁହେଁ ବରଂ ବିକାଶ ପାଇଁ ଆକାଂକ୍ଷା ଜିଲ୍ଲାର ତାଲିକାରେ ସ୍ଥାନ ପାଇଛି ଏହି ଦୁଇଟି ଜିଲ୍ଲା। ନୀତି ଆୟୋଗ ପକ୍ଷରୁ ଗୁରୁବାର ଦ୍ୱିତୀୟ ଡେଲ୍ଟା ର୍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଯେଉଁଥିରେ ଆକାଂକ୍ଷା ଜିଲ୍ଲାମାନଙ୍କ ତାଲିକାରେ ନୂଆପଡ଼ା ଦ୍ୱିତୀୟ ସ୍ଥାନ ପାଇଛି। ସେହିପରି ତାଲିକାର ପଞ୍ଚମ ସ୍ଥାନରେ କୋରାପୁଟ ରହିଛି। ଡେଲ୍ଟା ର୍ୟାଙ୍କିଙ୍ଗରେ ୬ଟି କ୍ଷେତ୍ରରେ ବିକାଶ ମୂଳକ କାର୍ଯ୍ୟକୁ ବିଚାରକୁ ନେଇ ଏହି ତାଲିକା ପ୍ରସ୍ତୁତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ସ୍କିଲ୍ ଡ଼େଭଲପ୍‌ମେଣ୍ଟ ଏବଂ ଭିତ୍ତିଭୂମିକୁ ଆଧାର କରି ଏହି ର୍ୟାଙ୍କ ଦିଆଯାଇଛି। ତେବେ ତାଲିକାରେ ପଛରେ ପଡ଼ିଛନ୍ତି ବିଜେପି ଶାସିତ ଝାଡ଼ଖଣ୍ଡ ଏବଂ ଆସାମ। ଏହି ତାଲିକାରେ ତାମିଲନାଡୁର ବିରୁଧୁନଗର ଜିଲ୍ଲା ସର୍ବଶ୍ରେଷ୍ଠ ଜିଲ୍ଲା ଭାବେ ବିବେଚିତ ହୋଇଛି। ଓଡ଼ିଶାର ନୂଆପଡ଼ା ଜିଲ୍ଲା ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଉତ୍ତରପ୍ରଦେଶର ସିଦ୍ଧାର୍ଥନଗର ତୃତୀୟ ଏବଂ ବିହାରର ଔରଙ୍ଗାବାଦ ଜିଲ୍ଲା ଚତୁର୍ଥ ସ୍ଥାନରେ ଏବଂ ଓଡ଼ିଶାର କୋରାପୁଟ ପଞ୍ଚମ ସ୍ଥାନରେ ରହିଛି। ଟାଟା ଟ୍ରଷ୍ଟ ବିଲାନ ମେଲିଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ନୀତି ଆୟୋଗକୁ ଏହି ତଥ୍ୟ ପ୍ରଦାନ କରାଯାଇଥିଲା। ପଛୁଆ ଜିଲ୍ଲାମାନଙ୍କର ତ୍ୱରିତ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅନୁଯାୟୀ, ଜୁନ ମାସ ୨୦୧୮ରୁ ସର୍ଭେ ଆରମ୍ଭ ହୋଇଥିଲା।

# ଜାନୁଆରୀରେ ବିଜେଡି ଅନୁସୂଚିତ ଜାତି ସେଲ୍‌ର ବିଶାଳ ସମାବେଶ

**ଭୁବନେଶ୍ୱର :** ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ଠାରେ ବିଜୁ ଜନତା ଦଳ ଅନୁସୂଚିତ ଜାତି ସେଲ୍‌ର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ସେଲ୍‌ର ରାଜ୍ୟ ଆବାହକ ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତିର ଲୋକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ଆସନ୍ତା ମାସରେ ଅନୁସୂଚିତ ଜାତି ତରଫରୁ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁସୂଚିତ ଜାତିର କଲ୍ୟାଣ ପାଇଁ ରହିଥିବା ଦୃଷ୍ଟିଭଙ୍ଗୀ ସଂପର୍କରେ ବୈଠକରେ ବିଶଦ ଭାବେ ଆଲୋଚନା କରାଯାଇ ଧନ୍ୟବାଦ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଲୋଚନା ମାଧ୍ୟମରେ ବିଭିନ୍ନ ପ୍ରସ୍ତାବମାନଙ୍କ ମଧ୍ୟରୁ ସରକାରଙ୍କ ତରଫରୁ ଅନୁସୂଚିତ ଜାତି ଓ ଉପଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଉଚ୍ଚଶିକ୍ଷା ବୃତ୍ତି ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ୮୦ ଭାଗ ବହନ କରାଯାଉଥିଲା ଏବଂ ସଂପ୍ରତି କେନ୍ଦ୍ର ସରକାର ମାତ୍ର ୨୦ ଭାଗ ବହନ କରିବା ନିର୍ଦ୍ଦେଶ ଦେଇଛନ୍ତି, ତାହା ବିରୋଧରେ ଉଦ୍‌ବେଗ ପ୍ରକାଶ କରି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଅନୁସୂଚିତ ଜାତିର କଲ୍ୟାଣ ପାଇଁ ଏକ ଅନୁସୂଚିତ ଜାତି ଉନ୍ନୟନ ପରିଷଦ ଗଠନ କରିବା ସହିତ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ନେତାଙ୍କୁ ଚାଷୀ ଚିନ୍ତା, ୮ରେ ବିକ୍ଷୋଭ

**ଭୁବନେଶ୍ୱର :** ଚାଷୀଙ୍କୁ ଫସଲର ଉପଯୁକ୍ତ ମୂଲ୍ୟ ଦେବାକୁ ଅଣ୍ଟାଭିଡ଼ିଛନ୍ତି ରାଜ୍ୟର ସବୁ ରାଜନୈତିକ ଦଳର ନେତାମାନେ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବା ବେଳେ ଶତକଡ଼ା ୬୫ ଭାଗ ଲୋକ ଚାଷ ଉପରେ ନିର୍ଭର କରୁଛନ୍ତି। ଏପରିକି ବିଭିନ୍ନ କୃଷକ ସଂଗଠନ ଗୁଡ଼ିକ ମଧ୍ୟ ଚାଷ ଓ ଚାଷୀଙ୍କ ବିଭିନ୍ନ ଦାବି ନେଇ ବହୁ ସମୟରେ ଗାଁ ଗହଳି ଠାରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ରଣହୁଙ୍କାର ଦେଉଛନ୍ତି। ଖାସ୍ କରି ସାଧାରଣ ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାରୁ ଏବଂ ନିକଟରେ ଅନୁଷ୍ଠିତ ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ଚାଷୀଙ୍କ ସମସ୍ୟାକୁ ନେଇ ସରକାର ଗଠନ ହୋଇଥିବାରୁ ଏହାକୁ ୨୦୧୯ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରିବାକୁ ସଜବାଜ ହେଉଛନ୍ତି ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ। ଏଥିପାଇଁ ଆସନ୍ତା ୮ ତାରିଖରେ ରାଜ୍ୟର କ୍ଷମତାସୀନ ବିଜେଡି ଓ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏବଂ ବିଜେପି ନିଜ ନିଜ ଷ୍ଟାଇଲରେ ଚାଷୀଙ୍କ ସମସ୍ୟା ଦୂର ପାଇଁ ଆନ୍ଦୋଳନ କରିବେ। ଏନେଇ ବିଧିବଦ୍ଧ ଭାବେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଘୋଷଣା ମଧ୍ୟ କରାଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିବାକୁ କେନ୍ଦ୍ର ପାଖରେ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଅଣଦେଖା କରି ଆସୁଛନ୍ତି। ଯାହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଗ୍ରହଣ କରିବା ସହ ଏହାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି ବିଜେଡି। ନିଜର ଦାବି ହାସଲ କରିବାକୁ ଦିଲ୍ଲୀରେ ସଂସଦ ଭବନ ସମ୍ମୁଖରେ ଆସନ୍ତା ଜାନୁୟାରୀ ୮ ତାରିଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ବିଧାନସଭାର ଗୃହ କମିଟିକୁ ପ୍ରଧାନମନ୍ତ୍ରୀ ସାକ୍ଷାତ କରିବାପାଇଁ ସମୟ ନ ଦେବା, ଓଡ଼ିଶାର ଚାଷୀମାନଙ୍କ ସମସ୍ୟା ସମାଧାନ ନ କରିବା, କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବା ଓ ସ୍ୱାମୀନାଥନ କମିଟିକୁ ଲାଗୁ ନ କରିବା ପ୍ରସଙ୍ଗକୁ ଆୟୁଧ କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିପାଇଁ ଦଳ ପକ୍ଷରୁ ଦିଲ୍ଲୀରେ କସରତ ଆରମ୍ଭ ହୋଇଯାଇଛି। ଏଥିପାଇଁ ଦଳର ବରିଷ୍ଠ ନେତାମାନେ ଦିଲ୍ଲୀରେ ଡେରା ପକାଇବା ଆରମ୍ଭ କରିଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ହେବାକୁ ଥିବା ତାଲ୍‌କୋତରା ଷ୍ଟାଡିୟମକୁ ବୁଲି ଦେଖିବା ସହ ବିକ୍ଷୋଭ ସମାବେଶକୁ କିପରି ସଫଳ କରାଯିବ ସେ ନେଇ ଅନ୍ୟ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଦଳ ପ୍ରତିଷ୍ଠା ଦିବସ ଅବସରରେ ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୮ ତାରିଖରୁ କଂଗ୍ରେସ ଦଳର ବ୍ଲକସ୍ତରଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ନେତାମାନେ ଚାଷୀ ସମସ୍ୟାକୁ ନେଇ ଘରେ ଘରେ ପହଞ୍ଚନ୍ତୁ। ଚାଷୀମାନେ ଆମ ରାଜ୍ୟରେ କେତେ ପରିମାଣରେ ପଛୁଆ ହୋଇ ରହିଛନ୍ତି, ସରକାର ତାଙ୍କ ପ୍ରତି କେତେମାତ୍ରାରେ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ସେ କଥା ଟିଟ୍ ବିଟ୍ କରି ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆସନ୍ତା ୮ ତାରିଖ ଦିନ ନବୀନ ନିବାସ ଓ ସଚିବାଳୟ ଘେରାଉ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ଏ ପ୍ରସଙ୍ଗରେ ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି ଯେ, ଗୋଟିଏ ପଟେ ରାଜ୍ୟ ସରକାର ଚାଷୀଙ୍କୁ ପ୍ରତାରଣା କରୁଛନ୍ତି ଏବଂ ଅନ୍ୟପଟେ ମିଛ ନାଟକ ରଚି ରାଜ୍ୟବାସୀଙ୍କୁ ଭୂଆଁ ବୁଲାଉଛନ୍ତି। ବାସ୍ତବରେ ରାଜ୍ୟ ସରକାର ରାଜ୍ୟରେ ଚାଷ ଓ ଚାଷୀ ପ୍ରସଙ୍ଗକୁ ଗୁରୁତ୍ୱ ଦେଉନାହାଁନ୍ତି। ରାଜ୍ୟର କୃଷି ଏବଂ କୃଷକମାନଙ୍କ ପାଇଁ ରାଜ୍ୟସରକାରଙ୍କ ବୈମାତୃକ ମନୋଭାବ ଦେଖାଇ ଚାଲିଛନ୍ତି। କୃଷି କମିଶନ ୨୦୧୨ରେ ତିଆରି ହୋଇଥିବା ସତ୍ତ୍ୱେ କୃଷକ କଲ୍ୟାଣ ରିପୋର୍ଟ ଆଜି ପର୍ଯ୍ୟନ୍ତ ମିଳିନାହିଁ। ସେହିପରି କୃଷି ବଜେଟ ଏବଂ କୃଷି କ୍ୟାବିନେଟର ଘୋଷଣା କେବଳ ଫାଇଲ ଭିତରେ ସୀମିତ ରହିଛି। ରାଜ୍ୟସରକାର ଚାଷୀମାନଙ୍କ ପାଇଁ ଜଳସେଚନର ବ୍ୟବସ୍ଥା ନକରିବା, ଭାଗ ଚାଷୀମାନଙ୍କ ପାଇଁ ଆଇନ ନଆଣିବା, ରାଜ୍ୟର ସମସ୍ତ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବା କହି ଗୋଟିଏ ଭଣ୍ଡାରର କାର୍ଯ୍ୟ ଆରମ୍ଭ ନକରିବା ପ୍ରତିବାଦରେ ମୋର୍ଚ୍ଚ ପକ୍ଷରୁ ନବୀନ ନିବାସ ଘେରାଉ କରିବା ପାଇଁ ଚୂଡ଼ାନ୍ତ ହୋଇଥିବା ଜଣାଯାଇଛି।

# ବେଗୁନିଆକୁ ସାଂସଦଙ୍କ ଅଣଦେଖା

**ଖୋର୍ଦ୍ଧା :** ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନ ମଣ୍ଡଳୀର ୨ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଉଥିବା ଅଭିନେତା, ରାଜନେତା ପ୍ରଶାନ୍ତ ନନ୍ଦ ରାଜ୍ୟସଭା ସାଂସଦ ହେବା ପରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ କର୍ମୀମାନଙ୍କୁ ଅଣଦେଖା କରିଥିବା ଘଟଣା ଦାଣ୍ଡରେ ପଡ଼ି ହାଟରେ ଗଡୁଥିବାର ଜଣାପଡ଼ିଛି। ଗତ କିଛି ମାସ ତଳେ ନବୀନ ପଟ୍ଟନାୟକ ସରକାର ପ୍ରଶାନ୍ତ ନନ୍ଦଙ୍କୁ ରାଜ୍ୟ ସଭା ସାଂସଦ ଭାବରେ ନିର୍ବାଚିତ କରାଇବା ପରେ ବେଗୁନିଆ ବିଜେଡ଼ି କର୍ମୀମାନଙ୍କ ମନରେ ଯେଉଁ ଆଶା ଓ ଉତ୍ସାହ ଦେଖା ଦେଇଥିଲା ତାହା ସାଂସଦ ପାଣ୍ଠି ବଣ୍ଟନରେ ବେଗୁନିଆକୁ ଅଣଦେଖା କରାଯିବା ଯୋଗୁଁ ମଳିନ ପଡ଼ିଯିବା ସହିତ କର୍ମୀମାନଙ୍କ ମନରେ ନିରାଶା ଭାବ ସୃଷ୍ଟି କରିଛି। କଥା ଚାତୁରୀରେ ଦକ୍ଷ ଓ ପାରଦର୍ଶୀତା ଯୋଗୁଁ ବେଗୁନିଆରେ ଶାସକ ଦଳ ବିଧାୟକଙ୍କ ବିରୋଧରେ ଏକ ସମାନ୍ତରାଳୟର ଗୋଷ୍ଠୀ ତିଆରି କରି ପାଣ୍ଠି ଦେବା ପାଇଁ ଦେଇଥିବା ପ୍ରତିଶୃତି ପାଣିର ଗାର ବୋଲି କିଛି କର୍ମୀ ଖୋଲାଖୋଲି କହିବା ଆରମ୍ଭ କରିଦେଇଛନ୍ତି। ଅପରପକ୍ଷେ ସାଂସଦ ଶ୍ରୀ ନନ୍ଦଙ୍କୁ ପ୍ରଥମ ପର୍ଯ୍ୟାୟରେ ମିଳିଥିବା ଅଢେଇ କୋଟି ଟଙ୍କାର ସାଂସଦ ଅନୁଦାନ ପାଣ୍ଠିରୁ ଅନୁଦାନ ରାଶିକୁ ଶ୍ରୀ ନନ୍ଦ ରାଜ୍ୟର କିଛି ପ୍ରଭାବଶାଳୀ ନେତାଙ୍କୁ ଦୃଷ୍ଟି କରଣ ପାଇଁ ସେମାନଙ୍କ ମନମାନୀ ପ୍ରକଳ୍ପ ନିମନ୍ତେ ମଞ୍ଜୁର କରିଥିବା ବେଳେ ତାଙ୍କ ରାଜନୈତିକ କର୍ମଭୂମି ବେଗୁନିଆକୁ ଟଙ୍କାଟିଏ ବି ଯୋଗାଇ ଦେଇ ନଥିବା ଶାସକ ଦଳର ବିଧାୟକଙ୍କ ସମର୍ଥିତ ଗୋଷ୍ଠୀ ନନ୍ଦ ଗୋଷ୍ଠୀଙ୍କୁ ଟାହି ଟାପରା କରିବା ଆରମ୍ଭ କରି ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ଅନୁଦାନ ରାଶିକୁ ୫୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଗଞ୍ଜାମ ଜିଲ୍ଲାକୁ ଓ ପ୍ରଣବ ପ୍ରକାଶ ଦାସଙ୍କ ନିର୍ବାଚନ ମଣ୍ଡଳିକୁ ୫୦ ଲକ୍ଷ, ସୋନପୁରକୁ ୩୦ ଲକ୍ଷ, କଳାହାଣ୍ଡିକୁ ୨୫ ଲକ୍ଷ, କଟକ ଜିଲ୍ଲା ଆଠଗଡ଼ ତିଗିରିଆକୁ ୨୦ଲକ୍ଷ, ଢେଙ୍କାନାଳର କାମାକ୍ଷା ନଗରକୁ ୧୦ ଲକ୍ଷ, ନୟାଗଡ଼କୁ ୧୦ ଲକ୍ଷ, ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ଓ ଜଟଣୀକୁ ୧୦ ଲକ୍ଷ ଟଙ୍କା ଯୋଗାଇ ଦେଇଥିବା ବେଳେ ବେଗୁନିଆକୁ ଟଙ୍କାଟିଏ ମଧ୍ୟ ଅନୁଦାନ ଦେଇନଥିବାରୁ ବେଗୁନିଆ ପ୍ରତି ତାଙ୍କର କେତେ ଆନ୍ତରିକତା ରହିଛି ତାହା ସାଧାରଣରେ ଆଲୋଚନା ହେଉଛି।

# +୨ ପରୀକ୍ଷାରେ ସଂସ୍କାର : କପି ରୋକିବେ ସୁପର୍ ସ୍କ୍ୱାଡ୍

**ଭୁବନେଶ୍ୱର :** +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାରେ ହେବ ବ୍ୟାପକ ସଂସ୍କାର। ପୂର୍ବବର୍ଷ ଗୁଡ଼ିକରେ ପରୀକ୍ଷାକୁ ନେଇ ବିଭିନ୍ନ ସମସ୍ୟା ଲାଗିରହୁଥିବା ବେଳେ ଆସନ୍ତା ବର୍ଷ ଯେପରି କୌଣସି ସମସ୍ୟା ରହିବ ନାହିଁ, ସେ ଦିଗରେ ବ୍ୟାପକ ବ୍ୟବସ୍ଥା କରାଯିବ। ଏନେଇ +୨ ପରିଷଦରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇତି ମଧ୍ୟରେ ଫର୍ମପୂରଣ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଆଗକୁ ଆଡମିଟ୍ କାର୍ଡ ପ୍ରଦାନ, ହବ୍‌କେନ୍ଦ୍ର ଚୟନ, ଧାର୍ଯ୍ୟ ହୋଇଥିବା ପରୀକ୍ଷାକେନ୍ଦ୍ର ଗୁଡ଼ିକର ଭିତ୍ତିଭୂମି ଯାଞ୍ଚ, ସିସି କ୍ୟାମେରା ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ପ୍ରଶ୍ନପତ୍ର ସୁରକ୍ଷା, ଉତ୍ତରଖାତାର ପ୍ୟାକେଟିଂ, ଇ-ଭାଲ୍ୟୁଏସନ୍‌ରେ ସ୍ୱଚ୍ଛତା, ନିର୍ଦ୍ଧାରିତ ସମୟ ମଧ୍ୟରେ ମୂଲ୍ୟାଙ୍କନ ପ୍ରକ୍ରିୟା ଶେଷ କରିବା, ରେଜଲ୍ଟ ପ୍ରକାଶ ଏବଂ ରେଜଲ୍ଟ ପ୍ରକାଶର ଏକମାସ ମଧ୍ୟରେ ପୁନଃଯାଞ୍ଚ ପ୍ରକ୍ରିୟା ଯେପରି କୌଣସି ତ୍ରୁଟି ବିନା ହୋଇପାରିବ ସେ ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପରିଷଦର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଚଳିତବର୍ଷ ପ୍ରଶ୍ନପତ୍ର ପ୍ରସ୍ତୁତି ଏବଂ ଇ-ମୁଲ୍ୟାଙ୍କନ ଲାଗି ଟେଣ୍ଡର ପ୍ରକ୍ରିୟା କରାଯିବ। ତେବେ ଗତ କିଛି ବର୍ଷ ହେବ ଇ-ମୂଲ୍ୟାଙ୍କନ ଲାଗି ଟେଣ୍ଡର ବ୍ୟବସ୍ଥାରେ ବହୁ ଅଭିଯୋଗ ହେଉଛି। ପୂର୍ବରୁ ଯେଉଁ ଅଧିକାରୀମାନେ ନିଯୁକ୍ତି ପାଇଥିଲେ ସେମାନେ ପ୍ରିୟାପ୍ରିତୀ କରି ଏକ ନିର୍ଦ୍ଦିଷ୍ଟ ଆଇଟି କମ୍ପାନୀକୁ ଇ-ମୂଲ୍ୟାଙ୍କନ ଲାଗି କାର୍ଯ୍ୟାଦେଶ ଦେଇଥିଲେ। ତେବେ ଯେଉଁ ଆଇଟି କମ୍ପାନୀ କୋଟିକୋଟି ଟଙ୍କାର ଟେଣ୍ଡର ପାଉଛି ସେହି କମ୍ପାନୀ ରେଜଲ୍ଟରେ ‘ଜିରୋ ଏରର’ କରିବାକୁ ପ୍ରତିଶ୍ରୁତି ଦେଉଥିଲେ ହେଁ ପ୍ରତିବର୍ଷ ରେଜଲ୍ଟରେ ବହୁ ତ୍ରୁଟି ପରିଲକ୍ଷିତ ହେଉଛି। ଏପରି ସମସ୍ୟା ଗୁଡ଼ିକର ସମାଧାନ ଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି କପି ରୋକିବା ଦିଗରେ ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଏଣ୍ଟ୍ରି ପଏଣ୍ଟ୍ ଗୁଡ଼ିକରେ ସିସି କ୍ୟାମେରା ଏବଂ ଆଇରନ୍ ଚେଷ୍ଟ୍ ରୁମ୍‌ରେ ମଧ୍ୟ କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ଆରମ୍ଭ ହେବାର ୩୦ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀମାନେ ପହଞ୍ଚିବେ। ସମସ୍ତ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ତ୍ରିସ୍ତରୀୟ ଯାଞ୍ଚ କରାଯିବ। ଶ୍ରେଣୀକକ୍ଷରେ ପରିଷଦର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଅଚାନକ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରି ସବୁ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରିବେ। ପରୀକ୍ଷାକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ପ୍ରଶ୍ନପତ୍ର ଗ୍ରହଣ କରିବା ଏବଂ ଉତ୍ତରଖାତା ପ୍ୟାକିଂ କରି ହବ୍ କେନ୍ଦ୍ରକୁ ପଠାଇବାର ମୁଖ୍ୟ ଦାୟିତ୍ୱ ବହନ କରିବେ। ଏହାବ୍ୟତୀତ ଚଳିତବର୍ଷ ପରିଷଦ ପକ୍ଷରୁ ୮ଟି ସୁପର ସ୍କ୍ୱାଡ ଗଠନ କରାଯିବ। ଯେଉଁଥିରେ ପରିଷଦର କିଛି ସ୍ୱତନ୍ତ୍ର ଅଧିକାରୀ ରହିବେ। ଯଦି କୌଣସି ପରୀକ୍ଷାକେନ୍ଦ୍ରରେ କିଛି ବ୍ୟତିକ୍ରମ ନଜରକୁ ଆସେ ତେବେ ‘ଅନ୍ ଦି ସ୍ପଟ୍’ ଆକ୍ସନ୍ ନିଆଯିବ ବୋଲି ଜଣାପଡ଼ିଛି। ପ୍ରକାଶଥାଉକି, ଆସନ୍ତା ମାର୍ଚ୍ଚ ୭ତାରିଖରୁ ପରୀକ୍ଷା ଆରମ୍ଭ ହେବ। ପ୍ରାକ୍ଟିକାଲ ଜାନୁଆରୀ ୨୮ରୁ ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଥିଓରୀ ପରୀକ୍ଷା ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ମୋଟ ୩ଲକ୍ଷ ୬୮ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଏଥିରୁ କଳାରେ ମୋଟ ୨ଲକ୍ଷ ୩୫ହଜାର ଛାତ୍ରଛାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧ଲକ୍ଷ ୯୯ହଜାର ରେଗୁଲାର ଅନ୍ତର୍ଭୁକ୍ତ। ବିଜ୍ଞାନରେ ମୋଟ ୯୯ହଜାର ଛାତ୍ରଛାତ୍ରୀ ଥିବାବେଳେ ରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ୮୮ହଜାର ରହିଛି। ବାଣିଜ୍ୟରେ ମୋଟ ୨୭ହଜାର ପରୀକ୍ଷାର୍ଥୀ ରହିଥିବା ବେଳେ ସେଥିରୁ ରେଗୁଲାର ପିଲାଙ୍କ ସଂଖ୍ୟା ୨୪ହଜାର ୫୦୦। ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ପ୍ରାୟ ୧୩ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସ୍ପଷ୍ଟ ହୋଇଛି।

# ରାଜ୍ୟପାଳଙ୍କ ଉପସ୍ଥିତି ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା

**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା ରାଜ୍ୟପାଳଙ୍କ ଯୋଗଦାନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ୨୦୧୮ ଅକ୍ଟୋବର ମାସରେ ରାଜଭବନ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେସନ୍ ପ୍ରୋସିଜ୍ୟୁର ଜାରି କରାଯାଇଥିଲା। ଏବେ ଏହାକୁ ଆହୁରି ସରଳ, ସହଜ ଓ କ୍ରିୟାଶୀଳ କରିବା ପାଇଁ ‘ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ୍ ନାମରେ ଏକ ସଫ୍ଟୱେର୍ ଆପ୍ଲିକେସନ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ଲିକେସନ୍ ମାଧ୍ୟମରେ ଆଗାମୀ ୨୦୧୯ ଫେବୃଆରୀ ମାସଠାରୁ ଇଚ୍ଛୁକ ସଂସ୍ଥାମାନେ ତାଙ୍କ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଉପସ୍ଥିତି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଏହି ଅନ୍‌ଲାଇନ୍ ଆପ୍ଲିକେସନ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି ସାଧାରଣ ଜନତା ଓ ସଂସ୍ଥାମାନଙ୍କର ରାଜ୍ୟପାଳଙ୍କ ଉପସ୍ଥିତି ପାଇଁ ଅନୁରୋଧଗୁଡ଼ିକୁ ସୁବ୍ୟବସ୍ଥିତ କରାଇବା, ଆବେଦନଠାରୁ ଅନୁମୋଦନ ପର୍ଯ୍ୟନ୍ତ ସମସ୍ତ ପଦ୍ଧତିକୁ ସ୍ୱଚ୍ଛ କରାଇବା ସହିତ ଆବେଦନକାରୀଙ୍କ ଅନିଶ୍ଚିତତା ଦୂର କରିବା, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ଆବେଦନକାରୀଙ୍କୁ ଅନୁମୋଦନ ପ୍ରକ୍ରିୟା ସମ୍ପର୍କରେ ମୋବାଇଲରେ ସୂଚନା ଦେବା, ଏକାଧିକ ଥର ହେଉଥିବା କାର୍ଯ୍ୟଗୁଡ଼ିକୁ ବନ୍ଦ କରି ପ୍ରକ୍ରିୟାକୁ ଗତିଶୀଳ କରାଇବା ଏବଂ ଏହି ପ୍ରକ୍ରିୟାକୁ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ଡିଜିଟାଇଜ୍ କରାଇବା। ଏଥିପାଇଁ ଆବେଦନକାରୀ ପ୍ରକ୍ରିୟାକୁ ‘ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ. ଆର୍‌ଏଜେବିଏଚ୍‌ଏଭିଏଏନ୍‌ଓଡିଆଇଏସ୍‌ଏଚ୍‌ଏ.ଜିଓଭି.ଆଇଏନ୍’ ଓ୍ୱେବସାଇଟ୍‌ର ହୋମ୍ ପେଜ୍‌ରେ ଡାହାଣ ଉପର କୋଣରେ ଥିବା ‘ଆର୍‌ବିପିଏମ୍’ ଲିଙ୍କ୍‌କୁ ଯାଇ ପ୍ରଥମେ ୟୁଜର୍ ମାନୁଆଲ୍ ଓ ଏସ୍‌ଓପିକୁ ଡାଉନ୍‌ଲୋଡ୍ କରି ଏହି ଆପ୍ଲିକେସନ୍ ବିଷୟରେ ବୁଝିପାରିବେ। ଏହି ଅନୁସାରେ ଅନ୍‌ଲାଇନ୍‌ରେ ଆବେଦନ କରିବେ। ଆବେଦନରେ ମୁଖ୍ୟତଃ ଦୁଇଭାଗ ଯଥା କାର୍ଯ୍ୟକ୍ରମ ତଥ୍ୟ ଓ ଆବେଦନ କରୁଥିବା ସଂସ୍ଥାର ତଥ୍ୟ ପୂରଣ କରି ଅନ୍‌ଲାଇନ୍‌ରେ ପଠାଇବା ପରେ ଏହି ଆବେଦନ ପତ୍ରର ‘ପ୍ରିଣ୍ଟ୍ ଆଉଟ୍’ ସଂଗ୍ରହ କରିବାକୁ ହେବ। ଏହି ବାର୍‌କୋଡଯୁକ୍ତ ଆବେଦନ ପତ୍ରରେ ଦସ୍ତଖତ କରି ସଂସ୍ଥାର ଲେଟର ପ୍ୟାଡ୍‌ରେ ସାଦା ଦରଖାସ୍ତ ରାଜଭବନକୁ ପଠାଇବାକୁ ହେବ। ଏହି ଆପ୍ଲିକେସନ୍ ମାଧ୍ୟମରେ ଇଚ୍ଛୁକ ସଂସ୍ଥା କାର୍ଯ୍ୟକ୍ରମ ଦିବସର ୬୦ ଦିନ ପୂର୍ବରୁ ଓ ୨୫ ଦିନ ପୂର୍ବ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ତେବେ ରାଜଭବନରେ ଏହା କାର୍ଯ୍ୟକ୍ରମର ୨୦ଦିନ ଆଗରୁ ପହଞ୍ଚିବା ଦରକାର। ରାଜଭବନରେ ଏହା ପ୍ରୋସେସିଂ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ଅଥବା ଆଗ୍ରାହ୍ୟ ନିଷ୍ପତ୍ତି ଏସ୍‌ଓପିର ସମୟ ସୀମା ଅନୁସାରେ ସଂପୃକ୍ତ ସଂସ୍ଥାର କର୍ମଚାରୀଙ୍କୁ ମୋବାଇଲରେ ମେସେଜ୍ ଆକାରରେ ଜଣାଇଦିଆଯିବ। ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ୍ ଆପ୍ଲିକେସନର ଉପଯୋଗ କରିବାକୁ ରାଜଭବନ ପକ୍ଷରୁ ଅନୁରୋଧ କରାଯାଇଛି।

# ‘ପିପିଲି ଦୁଷ୍କର୍ମ ଘଟଣାର ସିବିଆଇ ତଦନ୍ତ ହେଉ’

**ଭୁବନେଶ୍ୱର :** ‘ମୋ ଝିଅକୁ ସେଇ ରାକ୍ଷସମାନେ ମାରିଦେଲେ। ଆମକୁ ବି ମାରିଦେବେ। ରାଜ୍ୟସରକାର ଆମକୁ ନ୍ୟାୟ ଦେଇପାରିଲେ ନାହିଁ। ଆମକୁ ନ୍ୟାୟ ଦରକାର। ଘଟଣାର ସିବିଆଇ ତଦନ୍ତ କର। ବିଧାୟକର ଲୋକମାନେ ଧମକ ଦେଉଛନ୍ତି ପାଟି ଖୋଲିଲେ ତମେ ଏଠି ରହିପାରିବନି। ଚୁପ୍ ରୁହ ନହେଲେ ସମସ୍ତେ ମରିବ। ଏମିତି ଅନେକ କଥା ଭୟଭୀତ ହୋଇ କୋହଭରା କଣ୍ଠରେ କହିଚାଲିଥିଲେ ପୀଡିତାର ମା’। ବିଜେପି ମହିଳାମୋର୍ଚ୍ଚାର ଏକ ପ୍ରତିନିଧୀ ଦଳ ପିପିଲି ପୀଡିତା ଗାଁକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟିବା ସମୟରେ ପୀଡିତାର ମା, ଭାଇ ଏବଂ ଅନ୍ୟ ସଦସ୍ୟମାନେ ଘଟଣା ସଂପର୍କରେ ଜଣାଇବା ସହ ପୀଡିତା ପରିବାରକୁ ଧମକ ଦିଆଯାଉଛି ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା କହିଛନ୍ତି। ପିଡୀତାର ମାଆଙ୍କ କହିବା ଆନୁଯାୟୀ ତାଙ୍କର ଝିଅ ଆଉ ଏକ ଦୁଷ୍କର୍ମ ଘଟଣାରେ ସାକ୍ଷୀ ଥିଲେ। ହେଲେ ସାକ୍ଷୀ ଦେବା ପୂର୍ବରୁ ଚାରିଜଣ ମିଶି ବଳାତ୍କାର କରି ତାକୁ ହତ୍ୟା କରିଥିଲେ। ଏହି ସମସ୍ତ ଘଟଣାରେ ସ୍ଥାନୀୟ ବିଧାୟକ ପ୍ରଦୀପ



ମହାରଥୀଙ୍କ ସଂପୃକ୍ତି ଥିବାରୁ ପୀଡିତାଙ୍କୁ ନ୍ୟାୟ ମିଳିଲା ନାହିଁ ବୋଲି ପରିବାର ସଦସ୍ୟ ପ୍ରତିନିଧୀଙ୍କ ଆଗରେ ଅଭିଯୋଗ କରିଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ସତ୍ତ୍ୱେ ପୀଡିତାକୁ ନ୍ୟାୟ ମିଳିଲା ନାହିଁ। ଅନ୍ୟପଟେ ପ୍ରମାଣ ଅଭାବରୁ ଅପରାଧୀ ନିର୍ଦ୍ଦୋଷରେ ଖଲାସ ହେବା ଏବଂ ମନ୍ତ୍ରୀ ଏହି ଘଟଣା ଉପରେ ଅତି ସମ୍ବେଦନହୀନ ଭାବେ ବୟାନ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପୀଡିତାର ପରିବାର ରାଜ୍ୟସରକାରଙ୍କୁ ବିଶ୍ୱାସ କରୁନାହିଁ। ବେବିନାକୁ ନ୍ୟାୟ ଦରକାର। ରାଜ୍ୟସରକାର ସିବିଆଇ ଦ୍ୱାରା ତଦନ୍ତ କରନ୍ତୁ ବୋଲି ପରିବାର ବର୍ଗ ପ୍ରତିନିଧୀଙ୍କୁ କହିଥିଲେ। ଅନ୍ୟପଟେ ପିଡୀତା ପରିବାରକୁ ତୁରନ୍ତ ସୁରକ୍ଷା ଯୋଗାଇ ଦିଆଯାଉ। ବିଜେପି ମହିଳା ମୋର୍ଚ୍ଚା ରାଜ୍ୟସରକାରଙ୍କ ପାଖରେ ଦାବି କରୁଛି ଏହାର ସିବିଆଇ ତଦନ୍ତ ଦରକାର। ଯଦି ମନ୍ତ୍ରୀମଣ୍ଡଳରୁ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର କରାନଗଲେ ଆଗାମୀ ଦିନରେ ବିଜେପି ପକ୍ଷରୁ ରାଜ୍ୟବ୍ୟାପି ଆନ୍ଦୋଳନ କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି। ପିପିଲି ଘଟଣାରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କଠୋର ଦଣ୍ଡ ଦାବି କରି ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାମୋର୍ଚ୍ଚା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

## ରେଳମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ମୟୂରଭଞ୍ଜ ରେଳ ପ୍ରକଳ୍ପକୁ ତୁରନ୍ତ ମଞ୍ଜୁରୀ ଦିଅ

**ଭୁବନେଶ୍ୱର :** ମୟୂରଭଞ୍ଜ ଜିଲ୍ଲାରେ ହେବାକୁ ଥିବା ରେଳ ପ୍ରକଳ୍ପର ଅନୁମୋଦନ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ପିୟୁସ ଗୋଏଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ପ୍ରକଳ୍ପ ଦ୍ୱାରା ଉଭୟ ଝାଡ଼ଖଣ୍ଡ ଓ ଓଡ଼ିସାକୁ ଲାଭ ମିଳିବ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲାରେ ପ୍ରସସ୍ତ ବନାଞ୍ଚଳ ରହିଛି। ଏଠାରେ ଶିମିଳିପାଳ ଭଳି ବିଶାଳ ବ୍ୟାଘ୍ର ଅଭୟାରଣ୍ୟ ରହିଛି। ଯାହାକି ରାଜ୍ୟ ପର୍ଯ୍ୟଟନ ପାଇଁ ଏକ ମୁଖ୍ୟ ଆକର୍ଷଣ। ଏଠାରେ ବର୍ତ୍ତମାନ ରହିଥିବା ରୁପସା-ବାଙ୍ଗିରିପୋଶି ରେଳ ଲାଇନ ରୁପ୍‌ସାଠାରେ ହାଓଡା-ଚେନ୍ନାଇ ଲାଇନ ସହ ସଂଯୋଗ କରୁଛି। ମାତ୍ର ବାଙ୍ଗିରିପୋଶିଠାରେ ଏହା ଶେଷ ହୋଇଯାଇଛି। ଟାଟା ନଗରଠାରେ ଏହି ରେଳଲାଇନଟି ସଂଯୋଗ ହୋଇନାହିଁ। ପୁର୍ବରୁ ରେଳ ବିଭାଗ ଓଡ଼ିଶାର



ବୌରମରାଠାରୁ ଝାଡ଼ଖଣ୍ଡ ଚାକୁଳିଆ ପର୍ଯ୍ୟନ୍ତ ୫୦ କିଲୋମିଟର ରେଳଲାଇନ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ବର୍ତ୍ତମାନ ଏହି ପ୍ରକଳ୍ପକୁ ବନ୍ଦ କରାଯାଇଛି। ବାଙ୍ଗିରିପୋଷୀ ଓ ଗୋରୁମହିଁଷାଣୀ ମଧ୍ୟରେ ୪୨ କିଲୋମିଟର ରେଳଲାଇନ ପାଇଁ ସର୍ଭେ ହୋଇସାରିଛି। ମାତ୍ର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି ଦୁଇଟି ପ୍ରକଳ୍ପକୁ ମଞ୍ଜୁର କରାଗଲେ ଜିଲ୍ଲାବାସୀ ଯୋଗାଯୋଗ ଜନିତ ସୁବିଧା ପାଇପାରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇଦେବେ।

# ଭିକ୍ଷା ନୁହେଁ ଶିକ୍ଷା ଦରକାର : ନିରଞ୍ଜନ

**ଖଇରା :** ଓଡିଶା ରାଜ୍ୟ କଂଗ୍ରେସ ତରଫରୁ ବାଲେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି ଦଳିତ ସମ୍ମାନ ସମାବେଶ। ଏହି ସମାବେଶରେ କଂଗ୍ରେସର ସବୁ ନିର୍ବାଚନ ମଣ୍ଡଳୀରୁ ପ୍ରାୟ ତିନିହଜାରରୁ ଅଧିକ କର୍ମୀ ବିଧାୟକ ପାଇଁ ଆସାଇ ନେତା ଉପସ୍ଥିତ ଥିଲେ। ଏହି ସମାବେଶ ରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।ଓ୍ୱେଷ୍ଟମେଣ୍ଟ କମେଟିର ନୂଆ ଅଧକ୍ଷ ଗଣେଶ୍ୱର ବେହେରା, ବିଭୁପ୍ରସାଦ ତରାଇ, ଆନନ୍ତ ସେଠି, ବାଲେଶ୍ୱରର ଯୁବ ବିଧାୟକ ପ୍ରାଥୀ ବିକ୍ରମ ପଣ୍ଡା, ବାଲେଶ୍ୱେର ଦଳିତ ସେଲର ଅଧକ୍ଷ ମୃତ୍ୟୁଞ୍ଜୟ ଜେନା ଉପସ୍ଥିତ ରହି ଓଡିଶାରେ ଥିବା ଦଳିତ ପଛୁଆ ବର୍ଗର ଲୋକଙ୍କୁ କେମିତି ସମାଜ ର ଅର୍ଥନୈତିକ ସ୍ରୋତକୁ ଅଣାଯାଇ ଉଚିତ ସମ୍ମାନ ଦିଆଯିବ ତାହାରି ଉପରେ ମତ ରଖି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ୧୮ବର୍ଷ ବିଜେଡି ସରକାର କାଳିଆ ପିଠା, ବିଜୁ ଯୁବ ବାହିନୀ ନାଁରେ କେମିତି



ନିଜର ଭୋଟ ରାଜନୀତିକୁ ଚିରସ୍ଥାୟୀ କରୁଛି ତାର ଦୃଢ଼ ନିନ୍ଦା କରି ମୁଖ୍ୟମନ୍ତ୍ରୀ ଉପରେ ବର୍ଷି ଥିଲେ। ୬୦ଲକ୍ଷ ଓଡିଆ ରାଜ୍ୟ ବାହାରେ ଚାକିରି ଦାଦନ ଖଟିବାକୁ ଜାଉଛନ୍ତି। ବିଦ୍ୟାଳୟରେ ଶିକ୍ଷା ଦେବା ପାଇଁ ଶିକ୍ଷକ ନାହାନ୍ତି, କେତେପ୍ରକାର ଶିକ୍ଷକ ଓଡିଶାରେ ଅଛନ୍ତି କହିବା ମୁସ୍କିଲ, ପିଏମଜି ଭୁବନେଶ୍ୱରରେ ଅନଶନରେ ବସନ୍ତି, ତାଙ୍କର କେମିତି ସମାଧାନ ହେବ ସେ କଥା ବୁଝିବା ପାଇଁ ରାଜ୍ୟ ସରକାର ପାଖରେ ଟଙ୍କା ନାହିଁ। ଖାଲି ଜୋତା ଛତା ବାଣ୍ଟି ବାଣ୍ଟି ଲୋକଙ୍କୁ ବେକାର କରିଦେଲାଣି। ଭିକ୍ୟା ଦେଇ ଭୋଟ କିଣିବାକୁ ବସିଛନ୍ତି। ତେଣୁ ଆଉ ଓଡିଶା ବାସୀ ଭିକ୍ୟା ନୁହେଁ ଶିକ୍ଷା ଚାହୁଁଛନ୍ତି। ଜାନକୀ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ କାଳରେବାଲେଶ୍ୱରରେ ଗଢି ଉଠିଥିବା ଶିଳ୍ପ ଆଉ ନାହିଁ। ଗୋଟିଏ ନୂଆ ଶିଳ୍ପ ବଶୀପାରୁନାହିଁ ତ ଖାଲି ବନ୍ଦ କରିବାରେ ବ୍ୟସ୍ତ ବାଲେଶ୍ୱରର ଦୁଇ ଶିଳ୍ପମନ୍ତ୍ରୀ। ଚାରି ଚାରି ଥର କଂଗ୍ରେସକୁ ଓଡିଶା ବାସୀ ଶାସନରୁ ଫୋପାଡି ଦେଇଁଛନ୍ତି। ଏଥର ଥରେ ମାତ୍ର ଶାସନ ଭାର କଂଗ୍ରେସକୁ ଦିଅନ୍ତୁ। ଉପସ୍ଥିତ ମହିଳା ମାନଙ୍କୁ କହିଥିଲ ଯଦି ଆମେ ଏଥର ଶାସନ କୁ ଆସିବୁ ଧୀରେ ଧୀରେ ଓଡିଶାରୁ ନିଶା ନିବାରଣ କିବୁ। ଦଳିତ ମାନଙ୍କୁ ଦୁଇ ବର୍ଷ ଭିତରେ ଜମି ଏବଂ ଘର ଯୋଗାଇ ଦେବୁ, ବିଜେପିର ଚୌକିଦାର କହୁଥିବା ନେତା ଚୋର ହୋଇଗଲେ। ରାଫେଲର ହିସାବ ଦେଇ ପାରୁନାହାଁନ୍ତି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୧ ଡିସେମ୍ବର - ୦୬ ଜାନୁଆରୀ, ୨୦୧୯

# ପରୋକ୍ଷ ସୂଚନା ନୁହେଁ ତ

ଖୋର୍ଦ୍ଧାର ବରୁଣେଇ ନିକଟସ୍ଥ ଗୋଶାଳା ପଡିଆରେ ଆୟୋଜିତ ସ୍ୱାଭିମାନ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ବିଜେଡି ସରକାରକୁ ସିଧାସଳଖ କୌଣସି ସମାଲୋଚନା ନକରିବା ନେଇ ଏବେ ରାଜନୀତି ଚର୍ଚ୍ଚା ଜୋର ଧରିଛି। କେହି କେହି କହୁଛନ୍ତି ଯେ, ନିକଟରେ ହୋଇଥିବା ପାଞ୍ଚଟି ରାଜ୍ୟର ନିର୍ବାଚନରେ ବିଜେପି ହାରିଯିବା ଫଳରେ ମୋଦିଙ୍କ ସ୍ୱର ନରମ ହୋଇଯାଇଛି। ଆଉ କେହି କେହି କହୁଛନ୍ତି ବିଜେଡି ଓ ବିଜେପି ମଧ୍ୟରେ ଭଲ ସମ୍ପର୍କ ଥିବାରୁ ମୋଦି ସିଧାସଳଖ କିଛି ନ କହି ବୁଲେଇ ବଙ୍କେଇ ରାଜ୍ୟ ସରକାରଙ୍କ ବିଫଳତାକୁ ବଖାଣିଲେ। ସଦ୍ୟ ସଦ୍ୟ ଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିରେ ଯୋଗ ଦେଇଥିବା ଅପରାଜିତା ଷଡଙ୍ଗୀଙ୍କୁ ନେଇ ମଧ୍ୟ ସେଭଳି କିଛି ଆଲୋଚନା ହେଉଛି। ସମସ୍ତେ ଭାବିଥିଲେ ମୋଦି ଏହି ସଭାରେ ଅପରାଜିତାଙ୍କୁ ସର୍ବ ସମ୍ମୁଖରେ ରାଜ୍ୟ ବିଜେପିର ଜଣେ ତୁଙ୍ଗ ନେତା ଭାବେ ଦର୍ଶାଇଥାନ୍ତେ ଓ ତାଙ୍କ ଯୋଗଦାନକୁ ଦଳ ପାଇଁ ଶୁଭଙ୍କର ବୋଲି କହିଥାନ୍ତେ। ହେଲେ ସେଭଳି କିଛି ହେଲାନାହିଁ। ଯେଉଁଥିପାଇଁ ସମାଲୋଚକମାନେ ଅପରାଜିତାଙ୍କ ବିଜେପିରେ ଯୋଗଦାନକୁ ନେଇ ଯେଉଁଭଳି ଚର୍ଚ୍ଚା ଆରମ୍ଭ କରି ଦେଇଥିଲେ ତାହା ସାମାନ୍ୟ ଭଟ୍ଟା ପଡିଥିବା ଜଣାପଡୁଛି। କାରଣ ଅପରାଜିତା ଯେ ଭୁବନେଶ୍ୱରରୁ ବିଜେପିର ଲୋକସଭା ପ୍ରାର୍ଥୀ ହେବେ ଏବଂ ଦଳ ପାଇଁ ଆଗ ଧାଡିରେ ରହି କାର୍ଯ୍ୟ କରିବେ ବୋଲି ଜଣାପଡୁଥିଲା। କିନ୍ତୁ ସ୍ୱାଭିମାନ ସମାବେଶରେ ପ୍ରଧାନମନ୍ତ୍ରୀଙ୍କ ସହିତ ଅପରାଜିତାଙ୍କ ସାକ୍ଷାତ ହୋଇଥିଲେ ବି ମଞ୍ଚରେ ତାଙ୍କୁ ସ୍ଥାନ ନ ମିଳିବାକୁ ନେଇ ମଧ୍ୟ କିଛି ଆଲୋଚନା ହେଉଛି। ତେବେ କହିବାର କଥା ଗୋଟିଏ ଜାତୀୟ ଦଳରେ ଅନେକ ପୁରୁଣା କର୍ମକର୍ତ୍ତା ଥିଲା ବେଳେ ସଦ୍ୟ ଯୋଗଦାନ କରିଥିବା ଜଣେ ବ୍ୟକ୍ତିଙ୍କୁ ଆଗକୁ ଟାଣିଥିଲେ ହୁଏତ ଅନ୍ୟ ଦଳୀୟ ପୁରୁଖା ନେତା ଓ କର୍ମୀଙ୍କ ଉପରେ ଏହାର ପ୍ରଭାବ ପଡିଥାନ୍ତା। ହୁଏତ ସେହି ଦୃଷ୍ଟିକୋଣରୁ ପ୍ରଧାନମନ୍ତ୍ରୀ ଅପରାଜିତାଙ୍କୁ ଦଳ ପାଇଁ ସାମ୍ନାକୁ ଆଣି ନଥିଲେ। ଆଉ କେତେକ ରାଜନୀତି ବିଶାରଦଙ୍କ କହିବାର କଥା ହେଉଛି, ଓଡ଼ିଶାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱକୁ ଯେଉଁମାନେ ଭରସା କରିଛନ୍ତି ସେମାନଙ୍କ ପାଇଁ ଏହା ସଂଶୟ ସୃଷ୍ଟି କରିଥାନ୍ତା। କାରଣ ରାଜ୍ୟ ବିଜେପିରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଧର୍ମେନ୍ଦ୍ର ଯେ ଏକମାତ୍ର ପ୍ରାର୍ଥୀ ତାହା ବିଗତ ଦିନରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହି ସାରିଛନ୍ତି। ତେଣୁ ଏଭଳି ପରିସ୍ଥିତିରେ କେନ୍ଦ୍ରୀୟ ବିଜେପି ଓ ଏହାର ମୁଖିଆ ଅପରାଜିତାଙ୍କୁ କେତେଦୂର ଓଡ଼ିଶା ରାଜନୀତି ପାଇଁ ଯୋଗ୍ୟ ଭାବୁଛନ୍ତି ତାହା ଏବେଠାରୁ କହିହେବନାହିଁ। ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀଙ୍କ ଭଳି ବହୁ ପୁରୁଖା ବିଜେପି ନେତା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବାର ଦାବିଦାର ହେବା କିଛି ଅସମ୍ଭବ ନୁହେଁ। ତେଣୁ ଏଭଳି ସ୍ଥିତିରେ ଅପରାଜିତାଙ୍କୁ ଆଗଧାଡିର ନେତା ଭାବେ ଦର୍ଶାଇଥିଲେ ବିଜେପିର ଲାଭ କେତେ କ୍ଷତି କେତେ ତାହା ହୁଏତ ହିସାବ ସରିନଥିବା ଜଣାପଡିଛି। ତେବେ ସ୍ୱାଭିମାନ ସମାବେଶରେ ପ୍ରଧାନମନ୍ତ୍ରୀ ନବୀନ ସରକାରଙ୍କ ନାଁ ନ ନେଇ କେବଳ ତାଙ୍କ ସରକାରର ବିଫଳତା ସମ୍ପର୍କରେ ସୂଚନା ଦେଲେ। ବରଂ କୃଷକଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ କେନ୍ଦ୍ର ସରକାର କୃଷକଙ୍କ ବିକାଶ ପାଇଁ କରିଥିବା କୃଷି ଭିତ୍ତିକ ଯୋଜନା ପ୍ରଣାଳୀ ସମ୍ପର୍କରେ କହିଥିଲେ। ଓଡ଼ିଶା ଅନେକ କ୍ଷେତ୍ରରେ ପଛୁଆ ରହିଛି ଏବଂ ଏହି ଦୁର୍ବଳ ରାଜ୍ୟକୁ ଆଗେଇ ନେବାକୁ ହେବ ବୋଲି ମଧ୍ୟ କହିଥିଲେ। ସ୍ୱଚ୍ଛ ଭାରତ ଅଭିଯାନରେ ଓଡ଼ିଶା ପଛୁଆ ଏବଂ ଏହି ରାଜ୍ୟର ଯୁବକ ଆଜି ଦାଦନ ଖଟିବାକୁ ଘର ଛାଡିବା ପାଇଁ ବାଧ୍ୟ ହେଉଛି ବୋଲି କହିବା ସହିତ ପାନୀୟ ଜଳ ସଙ୍କଟ, ଶିକ୍ଷକ ଆନ୍ଦୋଳନ, ଚିଟ୍‌ଫଣ୍ଡ ଓ ପିସି ସଂସ୍କୃତି ଭଳି ଭ୍ରଷ୍ଟାଚାର ସମ୍ପର୍କରେ କହିଥିଲେ। ଭ୍ରଷ୍ଟାଚାରର ଦାନବକୁ କିଏ ଦାନା ଦେଇ ବଢ଼ାଉଛି ବୋଲି ଯେଉଁ କଥାଟି କହିଲେ ତାହା କ'ଣ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ ନୁହେଁ କି? ଆୟୁଷ୍ମାନ ଯୋଜନାର ସୁଫଳ ଓଡ଼ିଶାବାସୀ ପାଉନାହାନ୍ତି ଏବଂ ଏଥିରେ ବାଧକ ରାଜ୍ୟ ସରକାର ବୋଲି ମଧ୍ୟ କହିଥିଲେ ମୋଦି। ପାଇକ ବିଦ୍ରୋହର ସଂଗ୍ରାମୀ ମାନଙ୍କ ନାମ ଉଚାରଣ କରିବା ସହିତ ଓଡ଼ିଶା ମାଟିର ଐତିହ୍ୟକୁ ନେଇ ଗର୍ବ ଅନୁଭବ କରିଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଜେପି କର୍ମୀଙ୍କ ମନରେ ଆଶା ଥିଲା ଯେ, ମୋଦି ଝାରସୁଗୁଡା ଭଳି ଏହି ସଭାରେ ନବୀନ ସରକାରଙ୍କ ନାଁ ନେଇ ତୀବ୍ର ଭର୍ତ୍ସନା କରି ଓ ଆଗାମୀ ଦିନ ପାଇଁ ପଦ୍ମ ଦଳ ଭିତରେ ନୂଆ ଆଶାର ସଞ୍ଚାର କରିବେ। ତେବେ ମୋଦି ହେଉଛନ୍ତି ବିଜେପିର ନେତା ଓ ଦେଶର ପ୍ରଧାନମନ୍ତ୍ରୀ। ତେଣୁ ସେ ସବୁ ରାଜ୍ୟର ଜନସାଧାରଣଙ୍କ ପାଇଁ ଚିନ୍ତା କରିବା ସହିତ ସେହି ରାଜ୍ୟର ସରକାରଙ୍କ ସଫଳତା ଓ ବିଫଳତାର ଅନୁଶୀଳନ କରିପାରିବେ। ତେଣୁ କେବଳ ଯେ ତୀବ୍ର ଭର୍ତ୍ସନା ମାଧ୍ୟମରେ କାହାକୁ ସମାଲୋଚନା କରିଦେଲେ ଦଳର ଭାବମୂର୍ତ୍ତି ବଢ଼ିଯିବ ଏହା ଚିନ୍ତା କରିବା ନିରର୍ଥକ। ଅତ୍ୟନ୍ତ କୋମଳ ଶବ୍ଦରେ କହି ଜଣେ ଜଣକୁ ସମାଲୋଚନା କରିପାରେ। ତାହା ହିଁ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ରାଜ୍ୟ ସରକାରଙ୍କ ବିଫଳତାକୁ ସୂଚେଇ ଦେବା ସହିତ ଓଡ଼ିଶା ଯେ ବର୍ତ୍ତମାନର ସରକାରଙ୍କ ପାଇଁ ପଛରେ ପଡିଛି ତାହା ଭାଷଣ ପ୍ରସଙ୍ଗରେ ଜଣାଇ ଦେଇଛନ୍ତି। ତେଣୁ ଏଇଥିରୁ ଆମେ ଆମର ଭଲ ମନ୍ଦ ସଙ୍କେତ ପାଇଯିବା ଦରକାର। ନବୀନଙ୍କ ପ୍ରତି ମୋଦିଙ୍କ ନରମ ଭାବକୁ ନେଇ କଂଗ୍ରେସ କହିଛି ଯେ, ରାଜ୍ୟରେ ନୂତନ ସମୀକରଣ ନେଇ ସ୍ପଷ୍ଟ ହୋଇଛି। ରାଜନୈତିକ ସମୀକ୍ଷକଙ୍କ ଦୃଷ୍ଟିରେ ମୋଦିଙ୍କ କଟକ ସଭା ଓ ଝାରସୁଗୁଡା ସଭାର ଆଭିମୁଖ୍ୟ ଭିତରେ ଢେର ପାର୍ଥକ୍ୟ ଥିବା ଜଣାପଡିଛି। ହୁଏତ ଆଗାମୀ ଦିନରେ ବିଜେପି ଓ ବିଜେଡି ମଧ୍ୟରେ ମେଣ୍ଟ ହୋଇପାରେ ବୋଲି ଚର୍ଚ୍ଚା ସୃଷ୍ଟି ହୋଇଛି। ଯେଉଁଥିପାଇଁ ବିଜେପି ନିଜ ରଣନୀତି ପରିବର୍ତ୍ତନ କରିଛି। ଏନ୍‌ଡିଏ ବର୍ତ୍ତମାନର ସହଯୋଗୀ ଓ ପୂର୍ବତନ ସହଯୋଗୀଙ୍କୁ ନେଇ ଆସନ୍ତା ବର୍ଷ ନିର୍ବାଚନ ଲଢ଼ିବ ବୋଲି କୁହାଯାଉଛି। ଫଳରେ ବିଭିନ୍ନ ସମୟରେ ଏନ୍‌ଡିଏରୁ ଦୂରେଇ ଯାଇଥିବା ଦଳ ଗୁଡିକ ପ୍ରତି ନରମ ମନୋଭାବ ଗ୍ରହଣ କରିବାକୁ ବିଜେପି କନ୍ଦ୍ରୀୟ ନେତୃତ୍ୱ ଯୋଜନା ପ୍ରସ୍ତୁତ କରିଥିବା ମଧ୍ୟ ସୂଚନା ମିଳିଛି। ତେଣୁ କୌଣସି ସଭାରେ ବିରୋଧୀଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ସମାଲୋଚନା ନ କରି ବରଂ ଆଗାମୀ ନିର୍ବାଚନରେ ପୁଣି କିଭଳି କେନ୍ଦ୍ରରେ ବିଜେପି ସରକାର ଗଢ଼ିବ ସେହିଭଳି ସୂତ୍ରକୁ ଗ୍ରହଣ କରାଯାଉଛି। ମୋଦିଙ୍କ ରାଜନୈତିକ ଅଭିଭାଷଣ ରାଜ୍ୟବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି କହିବା ସହିତ ଓଡ଼ିଶାରେ ଯେଭଳି ବିକାଶଧାରା ଚାଲିଛି ତାହାକୁ ଜନସାଧାରଣ ସମର୍ଥନ ଦେବେ ବୋଲି ସୂଚନା ଦେଇଛନ୍ତି। ତେଣୁ ରାଜନୀତିରେ କେହି କାହାର ଚିର ଶତ୍ରୁ ନୁହଁନ୍ତି ବୋଲି ହୁଏତ ମୋଦି ପରୋକ୍ଷରେ ଏଭଳି ସୂଚନା ଦେଇଛନ୍ତି।

ସମ୍ପାଦକୀୟ



ତାରକ ମହାନ୍ତି

# ବିଜେପିର ବିଜୟ ନା ପରାଜୟ ?



ଡାକ୍ତର ନୀଳମାଧବ ପୃଷ୍ଟି

ଆସନ୍ତା ସାଧାରଣ ନିର୍ବାଚନକୁ ରାଜନୈତିକ ଦଳ ଫାଇନାଲ ଲଢ଼େଇ ଭାବେ ବିଚାର କରି ନିକଟରେ ଅନୁଷ୍ଠିତ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନକୁ ସେମିଫାଇନାଲ ଭାବେ ଗ୍ରହଣ କରିଥିଲେ। ଏହି ଲେଖକ କିଛି ଦିନ ତଳେ 'ଜନାଦେଶ : ବିଜେପି ହାରିନି କଂଗ୍ରେସ ଜିତିନି' ଶୀର୍ଷକ ଲେଖାରେ ସବିଶେଷ ଏ ସମ୍ବନ୍ଧରେ ତଥ୍ୟ ରଖିଥିଲା। ଏହା ନିଶ୍ଚିନ୍ତ କଥା କଂଗ୍ରେସ ଯେତେ ଖୁସି ହେଉଥିଲେ ମଧ୍ୟ ଉଣେଇଶ ବିଶ ଲଢ଼େଇ ଭିତରେ ଭାଜପାକୁ କିନ୍ତୁ ବାସ୍ତବରେ ସେ ପରାସ୍ତ କରିପାରିନାହିଁ। ଏହି ନିର୍ବାଚନ ଫଳ ଜାତୀୟ ରାଜନୀତି ଓ ସମଗ୍ର ଦେଶବାସୀଙ୍କୁ ଚକିତ କରିଦେଇଥିଲା। ନିର୍ବାଚନ ପୂର୍ବ ସର୍ଭେ ଓ ଭୋଟ ପରବର୍ତ୍ତୀ ସର୍ଭେ ରିପୋର୍ଟର ମଧ୍ୟ ସମାନ ଦଶା। ନିର୍ବାଚନ ଫଳାଫଳ ଏମିତି ହେବ ବୋଲି କେହି କଳ୍ପନା ବି କରିନଥିଲେ। ତେବେ ଏହି ନିର୍ବାଚନ ଯେତେ ଚକିତ କରିଛି, ତାହାଠାରୁ ବେଶି ଶିକ୍ଷଣୀୟ ହୋଇଛି।

କଂଗ୍ରେସ ବିରୁଦ୍ଧରେ ଉଠିଥିବା ଜନ ଅସନ୍ତୋଷ ୨୦୧୪ ନିର୍ବାଚନରେ ମୋଦୀଙ୍କ ନେତୃତ୍ୱାଧୀନ ବିଜେପିର ବିପୁଳ ବିଜୟ ପାଇଁ ବାଟ ଦେଖାଇଥିଲା। ଯେହେତୁ ସେତେବେଳେ ଅଣ ବିଜେପି ଏବଂ ଅଣ କଂଗ୍ରେସ ମେଣ୍ଟ ସେତେ ସୁସଂଗଠିତ ଏବଂ ପ୍ରଭାବୀ ନଥିଲା, ଏହାର ଲାଭ ମିଳିଥିଲା ବିଜେପିକୁ। ଏହାଛଡ଼ା କଳାଧନ ଏବଂ ବେକାରୀ ସମସ୍ୟା ଦୂର କରିବା ଲାଗି ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ଲୋକଙ୍କ ମନକୁ ଛୁଇଁଥିଲା। ଲୋକମାନଙ୍କ ଆଶା ଥିଲା ମୋଦୀ ସେମାନଙ୍କ ଆଶା ପୂରଣ କରିବ। ଖାସ୍ ଏହି କାରଣରୁ ସେମାନଙ୍କୁ ବିମୁଦ୍ରୀକରଣ ଯନ୍ତ୍ରଣା ମଧ୍ୟ ବାଧି ନଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ ଏକ ରକମର ପରାଜୟ ସ୍ୱୀକାର କରି ନେଇଥିଲେ। କିନ୍ତୁ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଫଳାଫଳ ବିଜେପିକୁ ଯେତେ ନିରାଶ କରିଛି, ତାହାଠାରୁ ଅଧିକ ଉତ୍ସାହିତ କରିଛି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କୁ। ତେଲେଙ୍ଗାନାରେ ଟିଆରଏସ୍ ଏବଂ ମିଜୋରାମରେ ଏମଏନଏଫ୍ ଭଳି ଆଞ୍ଚଳିକ ଦଳ ଜିତିବେ ବୋଲି ପୂର୍ବାନୁମାନ ସତ ହେଲା। କିନ୍ତୁ ପୂର୍ବାନୁମାନକୁ ଭୁଲ ପ୍ରମାଣିତ କରିଛି ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଭଳି ତିନିଟି ହିନ୍ଦୀଭାଷୀ ରାଜ୍ୟ। ଏହି ରାଜ୍ୟରେ ସରକାରଙ୍କ ବିରୁଦ୍ଧରେ ଅସନ୍ତୋଷ ନଥିଲା କାରଣ ଏହି ତିନୋଟି ରାଜ୍ୟରେ ବିଜେପି ରାଜ୍ୟବାସୀଙ୍କ ପାଇଁ ଅନେକ ଲୋକପ୍ରିୟ ଯୋଜନା ହାତକୁ ନେବା ସହ ବିପୁଳ ଜନପ୍ରିୟତା ପାଇଥିଲା ତଥାପି ବିଜେପି ଏଠି ନିଜ ଗାଦି ହରାଇବାକୁ ବାଧ ହେଲା। ମୁସଲିମ୍ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ପାଇଁ ମୋଦୀ ସରକାର ତ୍ରିପିଲ ତଲାକ୍‌କୁ ଅଧ୍ୟାଦେଶ ଦ୍ୱାରା ଆଇନରେ ପରିଣତ ପାଇଁ ଯେଉଁପରି ଅଣ୍ଟା ଭିଡ଼ିଛନ୍ତି ସେହିପରି କେବଳ ହିନ୍ଦୁତ୍ୱ ମହଲ ନୁହେଁ ସମଗ୍ର ଦେଶବାସୀ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଚାହିଁଛନ୍ତି। ମାନବ୍ୟର ସୁପ୍ରିମକୋର୍ଟ ସର୍ବଶେଷ ତଥ୍ୟ ଅନୁଯାୟୀ ଜାନୁଆରୀ ୪ରୁ ଅଯୋଧ୍ୟା ଶୁଣାଣି ଆରମ୍ଭ କରିବେବୋଲି ଖବର ପ୍ରକାଶ ପାଇଥିଲେ ମଧ୍ୟ ମାନ୍ୟବର ସୁପ୍ରିମକୋର୍ଟଙ୍କ ପୂର୍ବରାୟ ଏକ ପ୍ରକାର ରାମ ମନ୍ଦିର ପାଇଁ ବାଟ ଖୋଲି ସାରିଥିଲା। ବର୍ତ୍ତମାନ ବିଜେପି ପାଇଁ ରାମ ମନ୍ଦିର ସବୁଠାରୁ ବଡ଼ ଆହ୍ୱାନ। କୋଟି କୋଟି ଭାରତୀୟ କେବଳ ହିନ୍ଦୁ ନୁହଁନ୍ତି ଅନେକ ମୁସଲମାନ ମଧ୍ୟ ଅଯୋଧ୍ୟାରେ ରାମ ମନ୍ଦିରକୁ ନିର୍ମାଣ ପାଇଁ ଚାହିଁ ବସିଛନ୍ତି। କୁହାଯାଉଛି ବିଜେପିର ଶୀର୍ଷ ମହଲ ଉପରୋକ୍ତ ତିନୋଟି ରାଜ୍ୟରେ ପରାଜୟର ଗନ୍ଧ ବାରି ସାରିଥିଲା ଏବଂ ଏହି କାରଣରୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ତାରକା ପ୍ରଚାରକ କରି ଅଯୋଧ୍ୟା ଏବଂ ନାମ ପରିବର୍ତ୍ତନ ଭଳି ବିବାଦୀୟ ପ୍ରସଙ୍ଗ ଉଠାଇଲା। ଭାରତୀୟ ରାଜନୀତିରେ ଅନେକ ମନ୍ଦିର, ମଠ, ହିନ୍ଦୁ ଧର୍ମ ପ୍ରତିଷ୍ଠାନ, ଅନେକ ମୋଗଲ, ମୁସଲମାନ ଓ ବିଭିନ୍ନ ଶାସକଙ୍କ ଦ୍ୱାରା ଲୋପ ପାଇସାରିଛି କେବଳ ଲୋପ ପାଇନି ଶହ ଶହ କୋଟି ଟଙ୍କାର ସାମ୍ରାଜ୍ୟକୁ ଧୂଳିସାତ୍ କରିବା ସହ ସେମାନେ ଲୁଣ୍ଠନ ଓ ବ୍ୟଭିଚାରର ଯେଉଁ ଫର୍ଦ୍ଦ ରଖିଛନ୍ତି ତାହା ଇତିହାସ ପୃଷ୍ଠାରେ ଚିରକାଳ ଧରି ରହିବ। କୁହାଯାଉଛି ୨୦୧୫ରୁ ସଙ୍କେତ ମିଳି ସାରିଥିଲା ଯେତେବେଳେ ବିଜେପି ମଧ୍ୟପ୍ରଦେଶର ରତଲାମ୍ ଲୋକସଭା ନିର୍ବାଚନରେ ପରାଜୟ ବରଣ କରିଥିଲା। ଏହା କଂଗ୍ରେସ ଖାତାକୁ ଯାଇଥିଲା। ଏହାପରେ ପରେ ୨୦୧୭ରେ ପଞ୍ଜାବର ଗୁରୁଦାସପୁର, ୨୦୧୮ରେ ରାଜସ୍ଥାନର ଅଲଓ୍ୱାର ଓ ଅଜମିର, ୟୁପିର ଗୋରଖପୁର, ଫୁଲପୁର ଓ କୈନାରା ଲୋକସଭା ଆସନଗୁଡ଼ିକୁ ମଧ୍ୟ ବିଜେପି ହାତରୁ ବିରୋଧୀ ଛଡ଼ାଇ ନେଇଥିଲେ। ୨୦୧୪ରୁ ୨୭ଟି ଲୋକସଭା ଆସନ ପାଇଁ ଉପନିର୍ବାଚନ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ଆସନକୁ ମଧ୍ୟ ବିରୋଧୀ ହାତରୁ ଛଡ଼ାଇ ପାରିନଥିଲା ବିଜେପି। ଅନ୍ୟ ପକ୍ଷରେ ୧୩ଟି ମଧ୍ୟରୁ ୮ଟି ଆସନ ହାତଛଡ଼ା କରି ବିଜେପି ମସ୍ତବଡ଼ ଝଟକା ପାଇଥିଲା। ମୋଦୀଙ୍କ ଗୁଜୁରାଟ ମଡ଼େଲ ତାଙ୍କ ନିଜ ରାଜ୍ୟ ନିର୍ବାଚନରେ ବିଜୟ ଲାଭ କରିଥିଲେ ବି ପୂର୍ବ ଭୋଟ ତୁଳନାରେ ଦଳ ୧୬ଟି ଆସନ ବିରୋଧିଙ୍କ ହାତକୁ ଟେକି ଦେବା ପାଇଁ ବାଧ ହୋଇଥିଲା। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଲୋକେ ବିଜେପି ଉପରୁ ସଂପୂର୍ଣ୍ଣ ରୂପେ ଆସ୍ଥା ହରାଇ ନାହାନ୍ତି। କଂଗ୍ରେସ ଉପରେ ମଧ୍ୟ ସଂପୂର୍ଣ୍ଣ ବିଶ୍ୱାସ କରି ପାରୁ ନାହାନ୍ତି। ଯେଉଁ ରାଜ୍ୟରେ ଆଞ୍ଚଳିକ ଦଳ ସେଠାରେ ଲୋକେ ତାକୁ ହିଁ ପସନ୍ଦ କରୁଛନ୍ତି। ୫ଟି ରାଜ୍ୟରେ ଅନୁଷ୍ଠିତ ନିର୍ବାଚନର ଫଳାଫଳରୁ ଏଭଳି ସୂଚନା ମିଳିଛି। ଯେଉଁ କଂଗ୍ରେସ ୨୦୧୪ ପରେ କେବଳ ପରାଜୟ ଓ ପରାଜୟକୁ ହିଁ ନିଜର ଭାଗ୍ୟ ଭାବି ଏହାକୁ ଆଦରି ନେଇଥିଲା, ତାହା ପାଇଁ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ଉପହାର ନୂଆ ଜନ୍ମ ଦେଇଛି। ତେବେ କଂଗ୍ରେସ ମଧ୍ୟ ଏଥିରେ ଅଧିକ ଉଲ୍ଲସିତ ହେବା ଉଚିତ ନୁହେଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ଦେଇଛନ୍ତି। ଅତୀତରେ ଦଳ ଏମିତି କି ଭୁଲ କରିଥିଲା ଯେ ଲୋକେ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ଏବେ କେଉଁ କାରଣରୁ ଏହାକୁ ବିଶ୍ୱାସ କରିବେ, ତାହା ଉପରେ କଂଗ୍ରେସ ନେତାମାନେ ଚିନ୍ତା କରନ୍ତୁ। ଅତୀତରେ କରିଥିବା ଭୁଲକୁ ସଜାଡ଼ିବା ପାଇଁ ପଦକ୍ଷେପ ନିଅନ୍ତୁ। କାରଣ ଏହି ଦଳକୁ ଗତବର୍ଷ କର୍ଣ୍ଣାଟକରେ ଏବଂ ଏ ବର୍ଷ ମିଜୋରାମରେ ମଧ୍ୟ ଝଟକା ଲାଗିଛି। ଉଭୟ ବିଜେପି ଏବଂ କଂଗ୍ରେସ ପାଇଁ ଏହି ନିର୍ବାଚନ ଶିକ୍ଷଣୀୟ ହୋଇଛି। ଏହି ପାଞ୍ଚଟି ରାଜ୍ୟର ନିର୍ବାଚନ ଫଳ ଭାରତବାସୀଙ୍କୁ ଗୋଟିଏ ବାର୍ତ୍ତା ଦେଇଛି ଯେ ଦେଶର ସାମଗ୍ରୀକ ବିକାଶରେ ଏକ ସ୍ଥିର, ସୁରକ୍ଷିତ ଓ ନିର୍ଭରଯୋଗ୍ୟ ବଡ଼ ଦଳର ସରକାର ଅତ୍ୟନ୍ତ ଜରୁରୀ। ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ଆଗାମୀ ଫାଇନାଲ ମ୍ୟାଚରେ କେଉଁ ସ୍କୋର କରିବେ ତାହା ଦେଖିବା ପାଇଁ ଅପେକ୍ଷା।

*ପାଣିକୋଇଲି, ଯାଜପୁର*
*ମୋ : ୯୪୩୯୪୮୨୫୨୬*

# ଶାଶ୍ୱତ ଆତ୍ମା ଓ ବେଦାନ୍ତ ଚିନ୍ତନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଅନାଥ, ନେଇ ଆସ ନା! ସେ ବେଦାନ୍ତବାଦୀ, ତାକୁ ତୋ ପରି କରି ନେବୁ। ହଁ, ନିଶ୍ଚୟ କରିବୁ। ତାକୁ ସତ୍ୟଗୁଡ଼ିକ ବୁଝେଇ ଦେବୁ। ଦେଖ, ଅବତାର ଫବତାର ଗୁଡ଼ିକ ବୁଝେଇ ଦେବା ଦରକାର ନାହିଁ। ଯେଉଁମାନେ ଟିକିଏ ଆଗେଇ ଯାଇଛନ୍ତି ସେମାନଙ୍କୁ ଟିକିଏ ବେଦାନ୍ତ ଜଣାଇ ଦେଲେ ହିଁ ସବୁ ହୁଏ। କ'ଣ ନେଇ ଏଇ ବେଦାନ୍ତ ଜାଣିବାକୁ ହୁଏ, ଜାଣିଛୁ? ଜ୍ଞାନ-ଭକ୍ତି। ପାତଞ୍ଜଳ ଦର୍ଶନଟା ଆଉ ବେଦାନ୍ତଟା ପଢ଼ିବୁ। ଦେଖ, ଶୁଦ୍ଧା ଭକ୍ତିର ଗୋଟାଏ ଦୋଷ ହୋଇଛି, ଆଜିକାଲି ସବୁ ଅଳସୁଆ ହୋଇପଡ଼ିଛନ୍ତି। ଏକେତ ଘୋର ତମଃ, ସେଥିରେ ଶୁଦ୍ଧାଭକ୍ତି ଜଣେଇ ଦେବାକୁ ଚାହୁଁ, ସେଥିରେ ସବୁ ନଷ୍ଟ ହୋଇଯିବ, ଏକଦମ କାଠ ହୋଇଯିବ। ଦେଖ, କେତେଗୁଡ଼ିଏ ବାଳକ ନାରାୟଣ ତିଆରି କରିପାରିବୁ? ଆଠ ଦଶଜଣ ବାଳକ ନାରାୟଣ ପାଇଲେ ହିଁ ହେଲା। ସେମାନେ ବ୍ରହ୍ମଚର୍ଯ୍ୟ ପାଳନ କରିବେ ଆଉ ଗୀତାର ଜ୍ଞାନ ଯୋଗ, କର୍ମଯୋଗ ଗାଇ ଘୁରି ବୁଲିବେ, ତାପରେ ପାଠ ଅଭ୍ୟାସ କରିବେ। ସେମାନେ ଖୁବ୍ ଭଲ ପାଇବାକୁ ଶିଖିବେ। ତାଙ୍କ ପ୍ରାଣ ଖୁବ୍ ସରଳ ହେବ, ସେଇମାନଙ୍କୁ ଦେଖିଲାକ୍ଷଣି ବ୍ରହ୍ମ ଭାବ ଉପସ୍ଥିତ ହେବ। ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସରଳ ପ୍ରାଣରେ ଗାଇ ଗାଇ ବୁଲିବେ। ବେଦାନ୍ତ.... ପ୍ରଚାର କରିବାକୁ ହେବ। ଯେପରି..... ବେଦାନ୍ତରେ ସବୁ ଅଛି। କୃଷ୍ଣକୁ ମଧ୍ୟ କହିବୁ। ଦେଖ୍ ସେ ଦେଖାଇ ଦେଇ ପାରିବ। ବେଦାନ୍ତ ଟିକିଏ ପ୍ରାଣେ ପ୍ରାଣେ ପୁରାଇ ଦେଲେ ହିଁ ହେଲା। ସମସ୍ତଙ୍କୁ କ'ଣ ଦେଖାଇବାକୁ ହେବ ଜାଣୁ? ବେଦାନ୍ତ। ସର୍ବଧର୍ମ ସମନ୍ୱୟରେ ବେଦାନ୍ତ ଦଣ୍ଡାୟମାନ। ତୁମ୍ଭେ କେତେଗୁଡ଼ିଏ ଗୀତା ଠିକ୍ କରି ପକାଇବ। ଗୀତା କଣ୍ଠସ୍ଥ ହେବା ଦରକାର। ଗୀତାରେ ସବୁ ପାଇବ। ଏଗୁଡ଼ିକ କେବଳ ଶିକ୍ଷା ଦେବା ପାଇଁ। ତୁମର ଆଉ ଭାବନା କ'ଣ ଭାଇ? ତୁମେ ପକ୍କା କର୍ମୀ ଓ ପକ୍କାନାମୀ ହୋଇଯାଅ। ତୁମେ କେତେ ଲୋକଙ୍କର ଗୁରୁ। ଭାଇ, ବେଦାନ୍ତଟା ପଢ଼ିନିଅ - ଯେପରି କରି ହେଉ ବେଦାନ୍ତଟାକୁ ପୂରାଇ ଦେବାକୁ ହେବ। ଯେପରି କରି ହେଉ - ଛଳେ, ବଳେ, କଳ-କୌଶଳରେ। ବେଦାନ୍ତର ଭାବ ଯେତେଦିନ ଲୋକେ ନ ବୁଝି ପାରିବେ ସେତେଦିନ କିଛି ହେବନାହିଁ। ହାଁ ହାଁ ତାହାହିଁ। ଅଦ୍ୱୈତ ମହାପ୍ରଭୁ। ସେ ଡେଇଁ ପଡ଼ିଲେ ପ୍ରକୃତ ପ୍ରଚାର ଆରମ୍ଭ। ଦେବାକୁ ହେବ, ଏଥର ନହେଲେ ପୁଣି ଥରେ। ଆରମ୍ଭରୁ (ପ୍ରଥମରୁ) ଦେବା ହିଁ ଭଲ। ତାହା ଦ୍ୱାରା ବେଦାନ୍ତର ଏକ ସମନ୍ୱୟ-ଭାଷ୍ୟ ତିଆରି କରିବାକୁ ହେବ। ପୁଣି ସେହି ବଂଶୀ ଦିଗ-ଦିଗନ୍ତରେ ପ୍ରତିଧ୍ୱନିତ ହେଉଛି 'ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଅହଂତ୍ୱା ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଶୁଚଃ।' ଏହି ଦେଖ କହୁଛି - ଏହି ଶୁଣ ପ୍ରତିଧ୍ୱନିତ ହେଉଛି - 'ଅହଂତ୍ୱା ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।' ଅନ୍ତରେ ଅନ୍ତରେ ବିଶ୍ୱାସ କର, ସମସ୍ତଙ୍କୁ ଭଲ ପାଅ, ଦେଖ - କେଉଁ ଏକ ଅଜଣା ରାସ୍ତା ଦେଇ ଆନନ୍ଦ ଧାମକୁ ଚାଲି ଯାଉଛ। ଆନନ୍ଦ କେବଳ ଆନନ୍ଦ। ଅନ୍ନଦା, ବେଦାନ୍ତଟା ଟିକିଏ ଓଲଟ ପାଲଟ କରି ନେବାକୁ ହେବ। ନିଜର ମଧ୍ୟ କାର୍ଯ୍ୟ ହେବ, ପରର ମଧ୍ୟ କାର୍ଯ୍ୟହେବ। ଗୀତା ସମସ୍ତଙ୍କୁ ପଢ଼େଇବୁ! ବୁଝନ୍ତୁ ବା ନ ବୁଝନ୍ତୁ, ଶୁଣନ୍ତୁ, ପଢ଼ନ୍ତୁ, ଦିନେ ବୁଝି ପାରିବେ। ଗୀତା ଅନେକ ପ୍ରାଣ ତିଆରି କରି ଦେଇଛି ଏହି କିଶୋରୀ। ବେଦାନ୍ତଟାକୁ ପଢ଼ିବାକୁ ସମସ୍ତଙ୍କୁ କହିବୁ, ଆଉ ସାବଧାନରେ ସେହି ଭାବରେ ଚଳିବାକୁ କହିବୁ। ଆଉ, ଗୀତା ଚଳାଇ ନେଇଯାଏ।

ବେଦାନ୍ତ ପଢ଼ି ଚଳି ନପାରିଲେ ଗୀତା ଚଳେଇ ନେଇଯାଏ, ଗୀତା ନିର୍ବିଘ୍ନରେ ନେଇଯାଏ। ଆଉ ଚିଠି ଖଣ୍ଡିକ! ଆଉ ଖଣ୍ଡିଏ ବଡ଼ ଚିଠି ଯାହା ପଢ଼ିବାକୁ ଅନ୍ତତଃ ଏକ ଘଣ୍ଟା ଲାଗିଯିବ। ଚିଠି ନପଢ଼ିଲେ ମୁଁ ରହିପାରେ ନାହିଁ। ସାଇକୋଲଜିର ସହିତ ଯୋଗ ରଖି ବେଦାନ୍ତଟାକୁ ମିଳାଇ ଦେବୁ। ତୋର ବି.ଏ.ଟା ଯେପରି ମୋର ହୃଦୟରେ ପଶି ଯାଇଛି। ରେବତୀଟାକୁ ପଞ୍ଜୁରୀରେ ପୁରାଇ ରଖିବୁ, ଖେଳ ଦିନରେ ଛାଡ଼ିଦେବୁ, ଗୋଟାଏ ଉଦ୍‌ଯୋଗରେ କେତେ ଶହ ହାତୀ ଘୋଡ଼ା ମାରିପକାଇବୁ। ବେଦାନ୍ତର ଜୟ ସବୁ ଦିଗରୁ ହଁ ଗୋ, ହଁ, ସତ୍ୟ ଠିକ୍ ଥାଏ। ତାହା କାହାରିକୁ ସାଧନ କରିବାକୁ ହେବ ନାହିଁ। ଜ୍ଞାନର ପ୍ରକାଶ ସଙ୍ଗେ ସଙ୍ଗେ ହିଁ ନେବେ। ସେମାନେ ମଧ୍ୟ ନେବେ, ବୌଦ୍ଧମାନେ ବେଦାନ୍ତ ନେଇଥିଲେ। ତୁ ମୁକ୍ତ ପୁରୁଷ! ତୁ ତ ସବୁ ଜାଣୁ, ଟିକିଏ ନେବାକୁ ହେବ। ଆରେ ବେଦାନ୍ତର ଉନ୍ନତି ପାଇଁ ଖୁବ୍ ଚେଷ୍ଟା କରିବୁ। ପାତଞ୍ଜଳ ଦର୍ଶନ ଖଣ୍ଡିକ ଦେଖିବୁ। ତାହାର ସବୁ ହୋଇ ଯାଇଛି। ତୁ ଯାହାକୁ ଛୁଇଁବୁ, ସେ ମୁକ୍ତ ହୋଇଯିବ। ତୋତେ ମୁଁ ଛୁଇଁବି। ନଗେନଟା ଯାଇଛି, ତୋ ଉପରେ ଜୋର ଦେବୁ, ଖୁବ୍ ଜୋର ଦେବୁ, ତାର ଠିକ୍ ହୋଇଯାଇଛି, ତା ଛାତିରେ ଚଢ଼ି କେତେ ଯାତ୍ରୀ ପାର ହୋଇଯିବେ। ସୁରେନ ବାବୁଙ୍କୁ ପାଇଲେ ଛାଡ଼ ନାହିଁରେ! ମହାଦେବବାବୁଙ୍କୁ ଆସିବା ପାଇଁ ତାଙ୍କ ପାଖରେ ଲେଖିବ। ଡୁବ ଦେ, ଡୁବ ଦେ, ଡୁବ ଦେ। ଦେଖ୍ (ତାଙ୍କୁ) ଶତୀଶକୁ ସାହାଯ୍ୟ କରିବୁ। ସେ ବେଦାନ୍ତ ପଢ଼ିଲେ ଭଲ ହୁଏ। ଚିଠି ଲେଖିବୁ ତାଙ୍କୁ। ମଝିରେ ମଝିରେ ଖଣ୍ଡିଏ ଖଣ୍ଡିଏ ଚିଠି ଲେଖିବୁ, ବେଦାନ୍ତମୟ ଖାଲି। ଚତୁର୍ଦ୍ଦିଗରୁ ଏହାକୁ ସାହାଯ୍ୟ କରିବୁ। ଚିଠି ପଢ଼ିଲେ ହିଁ ତାର ବେଦାନ୍ତ ପଢ଼ାହୁଏ। 'ତୁମେ' ଯେ 'ମୁଁ' ନୁହେଁ ଏହିଟି ହିଁ ସବୁ ଭୁଲ। 'ତୁମେ' ଯେ 'ମୁଁ' ସେହିଟା ହିଁ ଚରମ ଶ୍ରଦ୍ଧାଭକ୍ତିର ଜ୍ଞାନ। ସମୁଦ୍ରର ଏକ ବିନ୍ଦୁ ପାଣି ଯେପରି ସମୁଦ୍ରର ନିକଟରେ ରହିଲେ ସମୁଦ୍ରରେ ମିଶିଯାଏ। (ମୁଁ ମଧ୍ୟ ସେହିପରି ତୁମ୍ଭ ନିକଟରେ ଥିବାରୁ ତୁମ୍ଭ ସହିତ ମିଶିଯିବି) ଗୀତାଟା କ'ଣ ଜାଣିଛୁ? (ମାନସିକ ଆବେଗ, ଶବ୍ଦର ସ୍ଥୁଳ ସ୍ପନ୍ଦନ ବ୍ୟତୀତ କିଛି ନୁହେଁ) ଆତ୍ମିକ ସ୍ରୋତର ପ୍ରସାରିତ ହେବା ଅନ୍ତିମ ପରିଣାମର ପୂର୍ବାବସ୍ଥା ହିଁ ବ୍ରହ୍ମ। ଏକ ବିଯୁକ୍ତ ଏକ ସମାନ ଶୂନ୍ୟ। ଏକମାତ୍ର ଶାଶ୍ୱତ ଆତ୍ମା। ସୂକ୍ଷ୍ମାତିସୂକ୍ଷ୍ମ ଅଂଶ ମଧ୍ୟ ନ୍ୟାୟସଙ୍ଗତ ଭାବରେ ବର୍ଣ୍ଣିତ। ତାହା ହିଁ ବେଦାନ୍ତର ପୁରାତନ ବିବରଣୀ।

*ସହପ୍ରତିରନ୍ଦ୍ରିକ ଓ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ*
*କଲେଜ, କଟକ,*
*ମୋ : ୯୪୩୭୦୫୧୯୫୭*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୩୭

*"ଏତେ କହି ତହୁଁ ଗୁରୁଶିଷ୍ୟ ଦୁହେଁ*
*ସେଠାରୁ ଚଳିଣ ଗଲେ।*
*ଗୁଜ୍ଜର ଦେଶର କେଉଟୁଣୀ ଘରେ*
*ଯାଇ ପ୍ରବେଶ ହୋଇଲେ ॥"*

ପରଦିନ ପ୍ରାତଃରୁ ହାଡ଼ିପା କହିଲେ-ବତ୍ସ ଗୋବିନ୍ଦ,ତୁମେ ଏଠାରେ ତିନିମାସ ରହି ଉପଯୁକ୍ତ ମାର୍ଗରେ ଦୈବୀସାଧନା କରିଛ,ଏହି ବାକ୍ୟ ଅନ୍ୟମାନଙ୍କ ମୁଖରୁ ଶ୍ରବଣକରି ବହୁ ଆନନ୍ଦିତ ହୋଇଛୁ। ତୁମେ ନିଷ୍ଠାର ସହିତ ଏକ ଧାରାରେ କର୍ମ,ଭକ୍ତି, ଜ୍ଞାନପଥରେ ଗତି କରୁଥିବାରୁ ଭଗବାନଶିବ ତୁମକୁ ନିରାଶ କରିବେ ନାହିଁ। ଶିବଙ୍କ କରୁଣାପ୍ରାପ୍ତ ହୋଇ ତୁମେ ଅବଶ୍ୟ ବ୍ରହ୍ମଲୋକରେ ବିଚରଣ କରିବ। ଏବେ ଆମେ ଗୁଜ୍ଜରଦେଶ ଅଭିମୁଖେ ଯାତ୍ରା ଆରମ୍ଭ କରିବା। ଗୁରୁଶିଷ୍ୟ ଦୁହେଁ ବିଦାୟନେବା ଖବର ଶୁଣି ଧନେଶ୍ୱର ଦମ୍ପତି ମ୍ରିୟମାଣ ହୋଇ ପଡ଼ିଲେ। ଉଭୟେ ପତିପତ୍ନୀ ଆସି ହାଡ଼ିପାଙ୍କ ଚରଣ ଛୁଇଁଲେ। ବାଷ୍ପିଭୂତ କଣ୍ଠରେ କହିଲେ ମହାରାଜ,ତୁମେ ଚେଲାକୁ ଧରି ଆମଗୃହରୁ ପ୍ରସ୍ଥାନ କରିବା ସମ୍ବାଦ ଆମକୁ ମର୍ମାହତ କରିଛି। ଏଇ ଯୁବାପୁତ୍ରର ସ୍ନେହରେ ଆମେ ବାନ୍ଧିହୋଇ ପଡ଼ିଥିଲୁ। ଆମେ ତୁମକୁ ଶିବଙ୍କ ଅବତାର ବୋଲି ଭାବୁଛୁ। ସମସ୍ତ ସମ୍ପଦର ଅଧିକାରୀହୋଇ ଏଇ ଗୃହରେ ରହିଲେ ଆମଜୀବନ ଧନ୍ୟ ହୁଅନ୍ତା। ଶ୍ରେଷ୍ଠି ଦମ୍ପତିଙ୍କ ନିବେଦନ ଶ୍ରବଣ କରି ହାଡ଼ିପା କହିଲେ,ଶୁଣ ଧନେଶ୍ୱର,ଆମେ ଦୁହେଁ ଯୋଗୀଭିକାରୀ! ବାରଦୁଆରେ ଆଶ୍ରୟନେଇ ଭିକ୍ଷାନ୍ନରେ ଦିନ ବଞ୍ଚିଥାଉ। ଅନେକ ସମ୍ପଦ ତ୍ୟାଗକରି ଆସିଛୁ। ତୁମ ସମ୍ପଦର ଆକର୍ଷଣ ଆମ ଭିତରେ ନାହିଁ। ତୁମେ ଆମର ଯେଉଁ ଉପକାର କରିଛ ପ୍ରତିବଦଳରେ ଆମେ ତୁମକୁ କଲ୍ୟାଣ କରୁଛୁ, ମହାଯୋଗୀଶିବ ଖୁବଶୀଘ୍ର ତୁମକୋଳରେ ସୁସନ୍ତାନ ଜାତ କରାଇବେ। ଏତିକି କହି ହାଡ଼ିପା ଗୋବିନ୍ଦଙ୍କୁ ସଙ୍ଗକରି ଧନେଶ୍ୱରଙ୍କ ଗୃହ ତ୍ୟାଗକରି ଚାଲିଗଲେ।

ମାଳବଦେଶର ବିଭିନ୍ନ ନଦୀ,ବଣପାହାଡ଼ ଡେଇଁ ଗୁରୁଶିଷ୍ୟ ଦୁହେଁ ଗୁଜ୍ଜର ଅଭିମୁଖେ ପଦଯାତ୍ରା କରୁଥିଲେ। ଗୁଜ୍ଜରଦେଶ ଆଉ ମାତ୍ର ପାଞ୍ଚକୋଶ ଦୂରଥାଇ ସୂର୍ଯ୍ୟ ଅସ୍ତାଚଳଗାମୀ ହେଲେ। ହାଡ଼ିପା କହିଲେ ବତ୍ସ,ରାତ୍ର ଆସନ୍ନ କାଳ। ନିର୍ଜନ ଅନ୍ଧକାର ପଥରେ ହିଂସ୍ରଜନ୍ତୁ,ଖଣ୍ଟ ତସ୍କରମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବା ସ୍ୱାଭାବିକ। ଆମେ ଏଇଠାରେ ପାହାଡ଼ଗୁମ୍ଫାରେ ରାତ୍ରିଯାପନ କରି ସକାଳେ ଯାତ୍ରା ଆରମ୍ଭ କରିବା। ମହର୍ଷି ବିଶ୍ୱାମିତ୍ର ଯେଉଁ ଗୁମ୍ଫରେ ରହି ଦୀର୍ଘକାଳ ଧରି ତପସ୍ୟା କରିଥିଲେ,ଆମେ ସେଇ ପରିତ୍ୟକ୍ତ ଗୁମ୍ଫାରେ ଆଶ୍ରୟ ନେବା। ଏହି ଜଙ୍ଗଲରେ ଜାମୁ, କରମଙ୍ଗା, ବଇଁଚ, ସପ୍ଟା, କେରଣ୍ଡାକୋଳି ଭଳି ବୃକ୍ଷ ରହିଛି। ତୁମେ ଶୀଘ୍ରଯାଇ ସେଇଫଳ ସଂଗ୍ରହ କର। ଆଜରାତ୍ରରେ ସେଇ କୋଳିଖାଇ କ୍ଷୁଧା ମେଣ୍ଟାଇବା। ଗୁରୁଙ୍କ ଆଦେଶପାଇ ଗୋବିନ୍ଦ ତତ୍‌କ୍ଷଣାତ ବୃକ୍ଷମୂଳରେ ପଡ଼ିଥିବା ପାଚିଲାକୋଳି ସଂଗ୍ରହ କରି ଫେରିଆସିଲେ। ହର୍ଷମନରେ ଦୁହେଁ କୋଳିଖାଇ କ୍ଷୁଧା ଉପଶମ କଲେ। ହାଡ଼ିପା ନିରାକାରନାଥଙ୍କ ପୟରରେ ଧ୍ୟାନଲଗାଇ କହିଲେ ବତ୍ସ ଗୋବିନ୍ଦ,ଦୀର୍ଘ ଆଠବର୍ଷ ଧରି ତୁମର ନିରବଚ୍ଛିନ୍ନ ଅକ୍ଳାନ୍ତ ପରିଶ୍ରମ ସାର୍ଥକ ହୋଇଛି। ତୁମେ ଏବେ ଯମାଳୟର ଉର୍ଦ୍ଧ୍ୱକୁ ଚାଲିଯାଇଛ। ମାତ୍ର ସଂପୂର୍ଣ୍ଣ ମାୟାମୁକ୍ତ ହୋଇ ନାହଁ। ଏପରି ସ୍ଥଳେ ଯମଦେବ ତୁମକୁ କାଳପାଶରେ ବାନ୍ଧିନେବା ପାଇଁ ମର୍ତ୍ତ୍ୟରେ ପ୍ରବେଶ କରିଛନ୍ତି। ତୁମେ ନିର୍ଭୟରେ ମହାମାୟାଙ୍କମଣ୍ଡଳ ଭିତରକୁ ପ୍ରବେଶକରି ନିଜର ସୁରକ୍ଷା ଲୋଡ଼। ମହାମାୟାଙ୍କ କଲ୍ୟାଣପ୍ରାପ୍ତ ହେଲେ ଯମ ତୁମର କିଛି ବିଗାଡ଼ି ପାରିବ ନାହିଁ। ନିଶ୍ଚଳ ଧ୍ୟାନବଳରେ ମହାମାୟାଙ୍କ ପଥ ଅନୁସରଣ କର। ନିରାକାରନାଥଙ୍କୁ ସାକ୍ଷାତଦର୍ଶନ କରିବା ନିମନ୍ତେ ମହାମାୟା ପ୍ରକୃତରାସ୍ତା ଦେଖାନ୍ତି ନାହିଁ। ଏକା ଭଳି ଦୃଶ୍ୟମାନ ହେଉଥିବା ତୁମକୁ ଅନେକପଥ ଦେଖା ଦେବ। ସାଧକଗଣ ଏପରି ମାୟାପଥରେ ଭ୍ରମି ଭ୍ରମି ଶେଷରେ ଜୀବନ ଦୀପ ଲିଭିଯାଏ। ଫଳରେ ଅତୃପ୍ତଆତ୍ମା ପୁନଃର୍ବାର ଜନ୍ମମରଣଚକ୍ରରେ ପଡ଼ି ଛଟପଟ ହୋଇଥାଏ। କେବଳ ଜ୍ଞାନର ମହିମାଦ୍ୱାରା ମାୟାପଥକୁ ଚିହ୍ନିହୁଏ। ମୋର ସେବାରେ ରହି ଯେଉଁ ବ୍ରହ୍ମଜ୍ଞାନପ୍ରାପ୍ତ ହୋଇଛ,ସେଇ ଜ୍ଞାନସାଗରରେ ସନ୍ତରଣ କର। ମହାମାୟା ସନ୍ତୋଷ ହୋଇ ଅବଶ୍ୟ ଉପଯୁକ୍ତପଥ ପ୍ରଦର୍ଶନ କରାଇବେ।

ପରଦିନ ପ୍ରଭାତରୁ ଗୁରୁଶିଷ୍ୟ ଦୁହେଁ ପାଞ୍ଚକୋଶ ବାଟ ଅତିକ୍ରମ କରି ମଧ୍ୟାହ୍ନବେଳକୁ ଗୁଜ୍ଜର ଦେଶରେ ପହଞ୍ଚିଲେ। ଗୁଜ୍ଜର ଜନପଦରେ ଚାଲୁଥିବା ବେଳେ ହାଡ଼ିପା ଦେଖିଲେ ଏକ ଗୃହ ଉପରେ ପୀତବର୍ଣ୍ଣର ପତାକାଟିଏ ଉଡୁଛି। ସେ ସ୍ଥାନୀୟ ଲୋକଙ୍କୁ ପଚାରି ବୁଝିଲେ ସେଇ ଗୃହଟି ଜଣେ କେଉଟୁଣୀଙ୍କ ଘର। ସେ ରାଜ୍ୟର ପ୍ରଥା ଅନୁଯାଇ କୈବର୍ତ୍ତମାନେ ଗାଁ ବହାରେ ବାସକରନ୍ତି। ଗୁଜ୍ଜର ସଂପ୍ରଦାୟର ନାରୀମାନଙ୍କ ନିମନ୍ତେ ନାନା କଟକଣା ଥିବାସତ୍ତ୍ୱେ ଘରଉପରେ ପତାକା ଉଡ଼ାଇବା ନିଶ୍ଚୟ ଏକ ଭିନ୍ନ କଥା। ସମୟ ଅପରାହ୍ନ। ହାଡ଼ିପା ସେହିଗୃହର ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ ଡାକିଲେ-କିଏ ଅଛ ମହାତ୍ମା, ଆମେ ଭିକ୍ଷାକାରୀ ଯୋଗୀଜନ। ସୂର୍ଯ୍ୟାସ୍ତ ପରେ ତଣ୍ଡୁଳ ଭିକ୍ଷା କରିବା ନିମନ୍ତେ ଶାସ୍ତ୍ର ବାରଣ କରିଛି। ଏବେ ଆମକୁ ଖାଦ୍ୟ ଭିକ୍ଷାଦେଇ ଆମ କ୍ଷୁଧା ନିବାରଣ କଲେ ତୁମର ଅଶେଷ କଲ୍ୟାଣ ହେବ। ହାଡ଼ିପାଙ୍କ ଡାକ ଶ୍ରବଣ କରି କୈବର୍ତ୍ତୀ ଘର ଭିତରୁ ବାହାରି ଆସିଲେ। ପ୍ରଣାମ ଜଣାଇ ପୁଛିଲେ କିଏ ତୁମେ ଯୋଗୀବର? କେଉଁ ଦେଶରୁ ଆସିଛ? କେଉଁ ତୀର୍ଥସ୍ଥାନକୁ ଯିବା ପାଇଁ ଭ୍ରମଣ କରୁଛ? ଏଇ ଯୁବାପୁଅଟିକୁ ଧରି ପାଦରେ କେତେବାଟ ଚାଲି ପାରିବ! ତୁମେ ଘୋଡ଼ା ଚଢ଼ି ଆସିଲ ନାହିଁ କାହିଁକି? ଭଗବାନଙ୍କର ତ ପୁଣି ଘୋଡ଼ା ଅଛି। ତୁମେ ପାଦରେ ଚାଲୁଛ କିଆଁ? ଯଦି ମୋତେ କହିବ ମୋର ଗୋଟିଏ ସୁନ୍ଦର ଧଳାଘୋଡ଼ା ଅଛି। ତୁମକୁ ଦେଇଦେବି। କୈବର୍ତ୍ତୀ ଖରନିଶ୍ୱାସ ପକାଇ ପୁଣି କହିଲା,ମୋର କେହି ନାହାନ୍ତି ମହାରାଜ। ଠାକୁରଙ୍କୁ ଧ୍ୟାୟୀ ଏକା ଏକା ଜୀବନପଥରେ ଚାଲୁଛି। ମୁଁ ବିଧବା ପୁଣି ଅପୁତ୍ରିକ। ଯୁବାବୟସରେ ବିଧବା ହୋଇ ଦହଗଞ୍ଜରେ କାଳ କାଟୁଛି। ଖଇ,ମୁଢ଼ି, ଚୁଡ଼ାରେ ତିଆରି ମୁଆଁ ବିକି ବହୁତ ଧନ ସଞ୍ଚୟ କରିଛି। ଖାଇବାକୁ କେହି ନାହିଁ। ଲୋକେ ମୋ ଦ୍ୱାରରୁ ମୁଆଁ କିଣି ଠାକୁରଙ୍କୁ ଦଅନ୍ତି,ନିଜେ ଖାଆନ୍ତି। ତୁମେ ଦି'ଜଣ ମୋ ଘରେ ରହି ଯୋଗସାଧନା କର। ଖାଇବା ପିଇବା ଖର୍ଚ୍ଚା ମୁଁ ଭରଣା କରିବି।

***ହରି ଓଁ ତତସତ୍!***

*ଦୂରଭାଷ-୯୬୬୮୬୩୧୨୫୭*

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଆକାଶ ଅକସ୍ମାତ



ରକ୍ଷକ ନାୟକ

**ପ**ଦକୁ ପଦ ପକେଇବା
ଏତେ ସୋଜା କଥା ନୁହେଁ; ପ୍ରିୟବର!

ପଦଟେ ଲେଖି ବସିଥିବ;
ଆକାଶକୁ ଚାହୁଁଥିବ; ଗେଣ୍ଡାଳିଆ
ପର ଝାଡ଼ି ଚାଲି ଯାଉଥିବେ
କିଛି ତମ ଭାଗରେ ପଡ଼ିବନି।

ଏମିତି ଚାହିଁଥିବ; ଫୁଲ ଫୁଟି
ମଞ୍ଜି ହୋଇ ଗଛ ହେବ
ପୁଣି ସେ ଗଛରେ ଫୁଲ ଫୁଟିବ
ଫୁଲ କି ମଞ୍ଜି କି ଗଛ
କେହି ସାହା ହେବେନି
ଆହା ପଦେ କହିବେନି।

ଆକାଶରେ ମେଘ, ବିଜୁଳି କି ଘଡଘଡି
କେତେ ଆଶା, ଧୋଇ ହୋଇଯିବ
ଦେହର ଧୂଳି, କାର୍ବନ କଷଣ
କୁଆଡ଼େ ବଢ଼ିର ଖବର ଶୁଣି
ତୁମେ ମୁଣ୍ଡରେ ହାତ ଦେଇଥିବ।
ଘଡ଼ିକି ଘଡ଼ି ଘଟ ଦୁଲୁକୁଥିବ।
ଶବ୍ଦମାନେ ସହଜରେ ଗାତରୁ
ବାହାରନ୍ତିନି, ପୁରୁଣା ଶବ୍ଦ ତୋଳାକୁ
ପ୍ରତ୍ୟାଖ୍ୟାନ କରିଦିଅନ୍ତି
ଆଉ ଭାବ ତ ସତରେ ଭଗବାନ
ଲାଗୁଥିବ ପୂର୍ଣ୍ଣ
ଛୁଇଁଲା ବେଳକୁ ନିଶୂନ।



କୋଉ ସେଣାରେ ପାଣି ବୋହୁଛ, ପ୍ରିୟବର
ରାତି ପାହି ସକାଳ ହେଲାଣି
ମୁନ୍ଦେ ବି ପାଣି ପହଞ୍ଚିନି, ବିଲରେ।

ଏସବୁ ଦେଖି ହତାଶ ହେବନି
ଦୀପର ତେଲରେ ଢଳଢଳ
ସଳିତାର ଛାଇ;
ମୁହୁର୍ମୁହୁ ରମଣ
ସବୁ ରମଣର କାରଣ ନଥାଇ।

ଏମିତି ଦାଣ୍ଡରେ ଗଡ଼ିଗଡ଼ି
ଖଣ୍ଡିଆଖାବରା ହେବ,
ଘା'ରୁ ରକ୍ତ ବୋହିବ;
ଦେଖିବ ସୁରକାଏ ପବନ
ଘା'କୁ ଆଉଁସି ଦେବ
ମାତ୍ର କ୍ଷଣେ;ନିମିଷେ
ଦେଖିବ ତୁମ ସାରା ଆୟୁଷ
ଉଲ୍ଲସି ଉଠିବ।

ଏ ନୁହେଁ ନିହାଣ, ମୁଗୁରର କାରବାର
ଥୟ ଧର, ଥୟ ଧର; ପ୍ରିୟବର
ପଦକୁ ପଦ ମୋଟେ ଖଞ୍ଜନି
ଅପେକ୍ଷା କର
ପର ପଦ ଯେବେ ଆସିବା କଥା
ଆପେ ଆପେ ଆସିଯିବ।

*ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ*
*ରାଜଭବନ,ଭୁବନେଶ୍ୱର-୮*
*ମୋ : ୯୪୩୭୧୭୧୪୪୦*

## ମିଛେଇ



ରାଜେଶ ପୂଜାରୀ

**ତ**ମେ ସତରେ ମିଛେଇ ନୁହଁ,
କିନ୍ତୁ କେଜାଣି କ'ଣ ପାଇଁ
ଡାକିବାକୁ ଭାରି ଭଲ ଲାଗେ
ମିଛେଇ ମିଛେଇ!
ତମେ ଜାଣ ଅଳନ୍ଧୁ ସବୁ
ପୋଛା ହୁଏ କେମିତି
କେମିତି ଖଞ୍ଜାହୁଏ ସ୍ୱାଗତ ତୋରଣ
କରିଆସେ ସମ୍ପର୍କର ହାଟ
ଜଗି ଜଗି ଚାଲି ଜାଣ ବାଟ
ଭୁରେଇ ପାର ନାନାବାୟା ଗୀତର ସୁରରେ
ଅବୋଲକରା ମୁହୂର୍ତ୍ତ ସବୁକୁ
ଓଢ଼ଣୀ ଉଡେଇ ଖେଦିପାର ଶୁନଶାନ୍ ପଣ
ସିଧା ସଳଖେ କହିଲେ,

ତମେ ପାଠରେ ଶାଠରେ
ରୂପରେ ଗୁଣରେ
ଗୋଟିଏ ଷୋହଳ ଅଣା ଖାଣ୍ଟି ଝିଅ
କରୁଛି ପ୍ରାର୍ଥନା ସେ ସର୍ବନିୟନ୍ତାକୁ
ଭଲ ପତ୍ନୀ ଭଲ ବୋହୂ ହୁଅ।
ଯଦିଓ ଦେଖିନି ତୁମକୁ ...
ଦେଖିବାର ବି ନାହିଁ କେବେ
ଭାବେ ହଜିଯିବ ଠିକଣା ଦେଖିଦେବି ଯେବେ
ମନରେ ଆଙ୍କିଛି ଅସଂଖ୍ୟ ତୁମ ରୂପକଳ୍ପ

ଛୁଇଁନି କେବେ ହେଲେ ...
ବହୁବାର ଉନ୍ମାଦିତ ହୋଇଛି ସେ ପବନ ଛୁଆଁରେ
ଯିଏ ଆସିଥାଏ ମୋ ପାଖକୁ ତୁମ ସାଥେ
ଗେଲ ହେଲା ପରେ।



ମିଛେଇ ଡାକିଲେ ତମେ ଚିଡିଯାଅ
ମୁଁ ମନାଏ ବୁଝାଏ
ମୁଁ ଡାକେ
ମତେ ତମ ରୁଷିବା ଭଲ ଲାଗେ ବୋଲି
ଭଲ ଲାଗୁଥିବ ନିହାତି ...
ମୋର ମନେଇବା ବୁଝେଇବା ତୁମକୁ ସେମିତି!
ଯୋଡି ମହୁରୀ ବାଜୁ ନ ବାଜୁ
ହରିବୋଲ ହୁଳହୁଳି ଶୁଭୁ ନ ଶୁଭୁ
ଥିବ ଯୁଆଡେ ବି
ମତେ ଟିକେ ଦୋହୋଲେଇ ଦେବାକୁ
ଫିଙ୍ଗି ଦେଉଥିବା ବ୍ଲାଙ୍କ ମେସେଜ୍ ଟିଏ
କେବେ କେମିତି ...
ବାସ୍ ... ଏତିକି ଯଥେଷ୍ଟ ମୋ ପାଇଁ
ଆଉ କିଛି ଲୋଡାନାହିଁ!

*କୁଶମେଲ, ଝାରସୁଗୁଡା*
*ମୋ : ୯୭୭୭୨୮୦୫୯୪*

## ମାଆ

**ଆଦ୍ୟାଶା ମିଶ୍ର**



**କେ**ତେ ମିଠା ସତେ, ତୋ ଅଧର ଭାଷା
ଆହାକି ସୁନ୍ଦର, ତୋ ହାତ ପରସା
ସରଗଠୁ ବଡ ତୋ କାନି ପଣତ
କି ମନଛୁଆଁ ତୋ ନାନାବାୟା ଗୀତ
ସ୍ନେହ ପ୍ରେମରେ ତୋ ହୃଦୟ ଭରିଛୁ
ସ୍ୱାର୍ଥ ନୁହେଁ ତୁ ଯେ ତ୍ୟାଗକୁ ବାଛିଛୁ
ମିଠା କଥା କହି କରୁ ସଭିଙ୍କୁ ଆପଣା
ସକଳ ମଙ୍ଗଳ ତୁ ଯେ କରିଛୁ କାମନା
ଦୟା, କ୍ଷମା ତୋର ହୃଦୟର ଭାଷା
ପ୍ରତିଦିନ କେବେ କରିନାହୁଁ ଆଶା
ଧୈର୍ଯ୍ୟ ସହିଷ୍ଣୁତା ମନରେ ତୁ ନେଇ
ସବୁ ବିପଦକୁ ପାରିଛୁ ଏଡାଇ
ଯେତେ ଦୂରେ ଥିଲେ ମନ ଖୋଜୁଥାଏ
ତୋହରି ସାହା
ତୋ ଆଶିଷେ ଦେବୁ ମୋ ଜୀବନ ଭରି
ଉଣା କରିବୁନି ତୋ ପ୍ରେମ ମାଆ।

*ଆନନ୍ଦପୁର, କେନ୍ଦୁଝର*

## ବାପା

**ବିକେଶ ସାହୁ**



ଏ ତ ସେଇ ମାଟି କାନ୍ଥ
ଯେଉଁଠି ଖୁସିରେ
ପରସ୍ତେ ନୂଆ ଲାଲ ମାଟିର
ରଙ୍ଗ ଚଢୁଥିଲା
ଆଉ ଦୁଃଖରେ
ମୋ ବାପାଙ୍କ ନୁଖୁରା ମୁଣ୍ଡର
ଛିଟାଏ ତେଲ ଛିଟା।

ଯା' ଆଗରେ
ହାର ମାନୁଥିଲା ଛଡ ତୋଫାନ
ହାର ମାନୁଥିଲା ଶୀତ ଗରମ
ଆଉ
ସେ ଛିଡା ହୋଇଥିଲା ସେମିତି
ତା'ନିଦା ଛାତିଟାକୁ ମେଲେଇ ଦେଇ
ଶ୍ରାବଣର ବର୍ଷାରେ
ମାଘର ହାଡଭଙ୍ଗା ଶୀତରେ
ବୈଶାଖର କାଳ ବୈଶାଖୀରେ
ଆମ ର ଛପରଟାକୁ ତା'କାନ୍ଧରେ ମୁଣ୍ଡେଇ
ସବୁ ଦିନ ସବୁ ରାତି।

ମୋ ବାପା ପାଇଁ
ସେ ଥିଲା ଅଦମ୍ୟ ସାହସ
ଯିଏ ଦୁଃଖରେ କୋଳେଇ ନେଇ
ଆଲିଙ୍ଗନ କରୁଥିଲା
ଶାନ୍ତ୍ୱନା ଦେଇ ଟାଣି ନେଉଥିଲା
ବାପାଙ୍କ ଦୁଃଚିନ୍ତା ରାତି ରାତିର ଅନିଦ୍ରା
ତା' ମସୃଣ ସାହାସୀ ଛାତିକି।

ମୋ ବୋଉ ପାଇଁ
ସେ ଥିଲା ଚିତ୍ରଶାଳା
ଯେଉଁଠି ପ୍ରତି ମଗୁଶିର ଗୁରୁବାରେ
ଚିତ୍ରିତ ହେଉଥିଲା ତା'ନୁଖୁରା ହାତରେ
କେତେ ଯେ ଝୋଟି ଆଉ ଚିତା।

ମୋ ଭଉଣୀ ପାଇଁ
ସେ ଥିଲା ଚଗଲି ଚତୁରୀ ସଖୀଟେ
ଠିକ୍ ରାଧାଙ୍କ ଲଳିତା ପରି
ଯା'ଉପରେ ମୁଣ୍ଡ ରଖି
ସେ କହିଯାଉଥିଲା
ତା'ସ୍ୱପ୍ନର ରାଜକୁମାର କଥା।

ଆଉ ମୋ ପାଇଁ
ସେ ତ ଗୋଟେ ସ୍ମୃତିଶାଳା
ମୋ ଚଗଲା ପିଲା ଦିନର
ଯେଉଁଠି ପ୍ରଥମେ ମୁଁ ହାତ ଥାପି
ଉଠିବା ଶିଖିଥିଲି
ଖଣ୍ଡି ଖଣ୍ଡି ଚାଲି ଥିଲି
ପୁଣି କେତେ ଯେ ପଡିଥିଲି
ଚକ୍ ଖଡି ଧରି ପ୍ରଥମ ଖଡି ଛୁଇଁଥିଲି
ମନ ଇଚ୍ଛା କେତେ ଯେ ଗାରେଇଥିଲି
ତା' ମସୃଣ ଛାତିରେ।

*ଭୁଷଲାଡ, ସିନ୍ଧେକେଲା, ବଲାଙ୍ଗୀର*
*ମୋ : ୯୩୩୭୧୬୬୧୭୨*

## ନୂଆବର୍ଷର ୫ଟି ସ୍କେଚ୍

**ଡ.ମୌସୁମୀ ପରିଡ଼ା**





**ନୂ**ଆବର୍ଷ ପାଳନରେ ହଜିଯାଇଛି ସହର। ରାତ୍ରିର ତୃତୀୟ ପ୍ରହର ବି ଦିନର ଭ୍ରମ ସୃଷ୍ଟି କରୁଛି। କିଛି ଗୋଟେ ଶବ୍ଦରେ ନିଦ ମଳମଳ ହୋଇ ଲୋକନାଥ କମ୍ବଳ ଭିତରୁ ମୁହଁ କାଢି ଚାହିଁଲା। ଗତକାଲି କେହି ଜଣେ ଦାନୀ ନୂଆ କମ୍ବଳ ବାଣ୍ଟୁଥିବାବେଳେ ତା ଭାଗରେ ଏ କମ୍ବଳଟି ପଡିଥିଲା। ସେଥିପାଇଁ ବହୁଦିନ ପରେ ଗାଢ ନିଦରେ ଶୋଇପଡିଥିଲା ସେ ଏ ହାଡଥରା ଶୀତରାତିକୁ ଖାତିର୍ ନକରି। ରାସ୍ତାର ଗୋଟେ ଅନ୍ଧାରିଆ କଣକୁ କିଛି ଗୋଟେ ଫିଙ୍ଗିଦେଇ ଗାଡିଟେ ଚାଲିଗଲା ତୀବ୍ର ବେଗରେ। କିଛି ସମୟ ପରେ ଚିତ୍କାର ଶୁଭିଲା- ବଞ୍ଚାଅ କେହି,ପ୍ଲିଜ୍। ଗାଡିମାନେ ଯା' ଆସ କରୁଥାନ୍ତି। ହେଲେ କାହାର ସେ ଆଡକୁ ନିଘା ନଥାଏ। ଲୋକନାଥ ପ୍ରଥମେ ଅଣଦେଖା କରି ଶୋଇ ପଡିଲା। ଏତେ ଶୀତରେ କମ୍ବଳ ଭିତରୁ ଉଠିବାକୁ ଇଚ୍ଛା ହେଲାନି। ପୁଣି ସେ ଶବ୍ଦ ତୀବ୍ରତର ହେବାରୁ ବାଧ୍ୟ ହୋଇ ଉଠିଲା! ଅର୍ଦ୍ଧନଗ୍ନ କ୍ଷତାକ୍ତ ନାରୀଟେ ସାହାଯ୍ୟ ମାଗୁଥିଲା ଏ ଶୀତ ରାତିଟାରେ। ହାତ ଯୋଡି ଅନୁନୟ କରୁଥିଲା ଲଜ୍ଜାଜନକ ସ୍ଥିତିରୁ ବଞ୍ଚାଇବା ପାଇଁ। କାଳବିଳମ୍ବ ନକରି ଲୋକନାଥ ନିଜ ନୂଆ କମ୍ବଳଟା ଘୋଡାଇଦେଲା ସେ ଝିଅଟି ଉପରେ! ସେ କୁଶଳରେ ଚାଲିଯିବା ପରେ ଲୋକନାଥ ଅନୁଭବ କରୁଥିଲା ଶୀତର ତାଣ୍ଡବ! ତା ଭାଗ୍ୟରେ ଫୁଙ୍ଗୁଳା ଆକାଶର ଶୀତ ରାତି ହିଁ ଲେଖାଥିଲା ବୋଧହୁଏ।

•

ସୋମୁ ପାର୍ଟିରେ ଅବ୍ୟବସ୍ଥିତ ହୋଇ ପଡିଥିବା ଚେୟାର୍ ସଜାଡିଲା। ଅଇଁଠା ପ୍ଲେଟତକ ତା ଯାଗାରେ ରଖି ଟେବୁଲ୍ ପୋଛି ସଫା କରିଦେଲା। ତଳେ ଗଡୁଥିବା କିଛି ମଦ ବୋତଲ ଓ ଗ୍ଲାସ୍କୁ ଯଥାସ୍ଥାନରେ ସଜାଡି ରଖିଲା। ପାର୍ଟି ସରିବାପରେ ଉନ୍ମତ ନିଶାରେ ଟଳମଳ ହେଉଥିବା ପାଦମାନେ ଯେଝା ଠିକଣାକୁ ଚାଲି ଯାଉଥିଲେ। ନୂଆ ସକାଳକୁ ଆତୁର ଭାବେ ଅପେକ୍ଷା କରିଥିବା ସୋମୁ ସବୁ କାମସାରି ଠିକା ଶ୍ରମିକ ଭାବେ ମାଲିକଠୁ ରାତିକର ମଜୁରୀ ଆଣିଲା। ନୂଆବର୍ଷ ପାଳିବାର ଅଧିକାର କଣ ଖାଲି ବଡବଡିଆଙ୍କ ଅଛି, ତା ଭଳି ପିଲାଙ୍କର ନାହିଁ? ସକାଳୁ ସକାଳୁ ବସ୍ତିର ସାଙ୍ଗମାନଙ୍କ ସହ ମିଶି ଗତ ରାତିର ଭୋଜିରୁ ବଳି ପଡିଥିବା କିଛି ଚିକେନ୍ ପକୋଡା ଓ ପନିର୍ ଗୋଟେ ଖବର କାଗଜରେ ରଖିଦେଇ ସେ ଆଣିଥିବା ବୋତଲ ଖୋଲିଲା..! ଟିକେ ଟିକେ କରି ବଳିପଡିଥିବା ମଦକୁ ଏକାଠି କରି ସୋମୁ ସାଇତି ଆଣିଥିଲା ସାଙ୍ଗମାନଙ୍କ ପାଇଁ। ତେଲ ପିଇଯାଇଥିବା ଖବର କାଗରେ ଲେଖାଥିଲା- 'ବସ୍ତିପିଲାଙ୍କ ମନରେ ନୂଆବର୍ଷର ଉଦ୍ଦୀପନା ନଥାଏ। ଥାଏ ପେଟର ଯନ୍ତ୍ରଣା'! ସୋମୁ ମଦନିଶାରେ ଟଳମଳ ହୋଇ କହୁଥିଲା- ହେତ୍। ମିଛକଥା! ନୂଆବର୍ଷ ପାଳନ କରିବାକୁ ପକେଟ୍ ଅପେକ୍ଷା ମନଟିଏ ବେଶୀ ଲୋଡା। ଏକଥା ନବୁଝି ଆମମାନଙ୍କୁ ନେଇ ଏତେ ରାଜନୀତି! ଆମ ଛୋଟ ନୁଆଣିଆ ଘରେ ମହାନ୍ ହୃଦୟଧାରୀ ମଣିଷ ଅଛନ୍ତି ବୋଲି ସାହସର ସହ ଲଢେଇ କରି ବଂଚିଛୁ। ମହଲରେ ରହୁଥିବା ମହାନ୍ ଲୋକଙ୍କ ଛୋଟିଆ ମନ ବୋଲି ସେମାନେ ଯା' ତା' ଗୋଡ ଟାଣିବାରେ ବ୍ୟସ୍ତ! ସାଙ୍ଗମାନେ ସମସ୍ୱରରେ କହୁଥିଲେ- ସତ କହିଲୁ ଏକା। ତୁ ହିଁ ଆମ ନେତା!

•

ବେଶ୍ କିଛି ସମୟ ଅପେକ୍ଷା କଲା ସ୍ୱିଟି। ଜିତ୍ର ଦେଖାନଥାଏ। ରାତି ସରିବାକୁ କିଛି ସମୟ ବାକି । ନୂଆବର୍ଷଟା କଣ ଖାଲି ଅପେକ୍ଷାରେ ଚାଲିଯିବ! ଏ ଜିତ୍ ବି କୋଉଭଳି ବିରକ୍ତିକର ଓ ଦାୟିତ୍ୱହୀନ ପିଲା! ସମୟର ଗୁରୁତ୍ୱ ଜଣା ନାହିଁ! ଇଂଗ୍ଲିସ୍ ଗୀତର ଧୂନ୍ରେ ପାଦମାନେ ଥୟ ଧରିବା ସ୍ଥିତିରେ ନାହାନ୍ତି। ମନଟା ମତୁଆଲା! ହେଲେ ସେ ଯେ ପାର୍ଟିରେ ଏକା, ତା ପାର୍ଟନରର ଦେଖା ନାହିଁ,ଏକଥା ଜାଣିଲେ ଅନ୍ୟମାନେ ତାକୁ ଭାବିବେ କଣ! ତା ସୌନ୍ଦର୍ଯ୍ୟ ଓ ନାରୀତ୍ୱର ସମ୍ମାନ ରହିବ ତ! ଏମିତିରେ ଜିତ୍ର ଘଣ୍ଟାଏ ବିଳମ୍ବ ସାନ୍ୟା ପାଇଁ ଜଘନ୍ୟ ପାପଠୁ କମ୍ ନୁହେଁ! ଫୋନ୍କୁ ସ୍ୱିଚ୍ ଅଫ୍ କରି ଗହଳି ଭିତରକୁ ଚାହିଁଲା ସ୍ୱିଟି। ଜିତ୍ ନିଜ ଭଉଣୀକୁ ହସ୍ପିଟାଲ୍ରୁ ଆଣି ଘରେ ଛାଡି, ବିଳମ୍ବିତ ରାତିରେ ହୋଟେଲ୍ରେ ପହଂଚିଲା ବେଳକୁ ସ୍ୱିଟି ଥିଲା ଅନ୍ୟ କାହା ବାହୁଯୁଗଳରେ। ଭୋର୍ ହେବାକୁ କିଛି ସମୟ ବାକି ଥିଲା। ଜିତ୍ ଆଖିର ବହଳ ଅନ୍ଧକାର କଟିଆସୁଥିଲା ଭୋର୍ ପୂର୍ବର ରାତି ପରି!

•

କୁକୁରମାନଙ୍କ ପର୍ବ ବୋଧେ ଥିଲା। ସେମାନେ ଗୋଟେ ମହାର୍ଘ ମୁହୂର୍ତ୍ତକୁ ଚାହିଁବସିଥିଲେ ନିଜ ପରିବାର ସହ! ଭିତରୁ ଗୋଟେ ବୁଜୁଲା ଆଣି କେହିଜଣେ ଡଷ୍ଟବିନ୍ରେ ପକାଇବା କ୍ଷଣି ଆରଂଭ ହୋଇଯାଇଥିଲା ସେମାନଙ୍କ ଭିତରେ ପ୍ରତିଯୋଗିତା। କ୍ଷଣକ ଭିତରେ ହୈଚୈ ସୃଷ୍ଟି ହୋଇଯାଇଥିଲା ଡଷ୍ଟବିନ୍ ପାଖେ। ସଦ୍ୟଜାତ କୁକୁର ଛୁଆମାନେ ଇତଃସ୍ତତ ଧାଉଁଥିଲେ। ତା ଭିତରୁ କେତେକ ଗାଡିତଳେ ଚାପି ହୋଇଯାଇଥିଲେ। କୁକୁରମାନଙ୍କ ଅସ୍ୱାଭାବିକ ରଡି, କଳି ତକରାଳ ରାତିକୁ ବିରକ୍ତିକର କରି ଦେଇଥିଲା। ଧନୀ ଘରର ବିଦେଶୀ କୁକୁର ତିନିମହଲା ଉପରୁ ଭୁକୁଥିଲା ରାସ୍ତାକଡର ରକ୍ତ ଦେଖି। 'ଆଃ..ଏ ନୂଆବର୍ଷର ଭୋଜି ଏଯାଏଁ ବି ସରିନି', କହି ବିଦେଶୀ କୁକୁରକୁ ଖୁବ୍ ବିରକ୍ତିର ସହ ଭିତରକୁ ଟାଣିନେଇଗଲେ ତା ମାଲିକ। ସେଦିନ ଗାଡିତଳେ ମାଈ କୁକୁରଟିର ସବୁତକ ପିଲା ଚାପି ହୋଇ ମରିଗଲେ। କାହାର କିଛି କ୍ଷତି ହୋଇନଥିଲା କି ଅବଶୋଷ ନଥିଲା!

ବିଦେଶୀ କୁକୁର କୌଶଳରେ ମାଲିକ କବ୍ଜାରୁ ମୁକୁଳି ଆସି ଚାହିଁଲା ତଳକୁ। ମାଆ କୁକୁରର ଯନ୍ତ୍ରଣା ଦେଖି ଡେଇଁପଡିଲା ତଳକୁ। ହେଲେ କିଛି କରିପାରିଲାନି। ନିଜେ ଚାଲିଗଲା ଅଫେରା ରାଜ୍ୟକୁ। ତା ପରଦିନ ଥାନାରେ ରିପୋର୍ଟ ଲେଖାହେଲା- ବିଳମ୍ବିତ ରାତିଯାଏଁ ପଡୋଶୀ ଘରର ଲୋକେ ନୂଆବର୍ଷ ପାଳନ କରିବା ସମୟରେ ଖୁବ୍ ଜୋରରେ ଡେକ୍ ବଜାଇ ଶବ୍ଦ ପ୍ରଦୂଷଣ କରୁଥିବାରୁ ତାଙ୍କ ଦାମିକା ବିଦେଶୀ କୁକୁର ପାଗଳଙ୍କ ପରି ତଳକୁ ଡେଇଁ ଆତ୍ମହତ୍ୟା କରିଛି! ତେଣୁ ସେମାନେ କ୍ଷତିପୂରଣ ବାବଦକୁ ଦଶ ହଜାର ଟଙ୍କା ଦାବୀ କରିଛନ୍ତି ପଡୋଶୀଙ୍କ ପାଖେ!

ସକାଳଟାରୁ ମୁନିସପାଲିଟି କର୍ମଚାରୀମାନେ କୁକୁର ଛୁଆଙ୍କ ଶବ ମଇଳାଗଦା ଭିତରେ ନେଲାବେଳେ ବିଦେଶୀ କୁକୁରର ଶବ ଉପରେ ଫୁଲମାଳ ପଡିଥିଲା। କେଇଟା ମଣିଷ ଆକୁଳ ସ୍ୱରରେ କାନ୍ଦୁଥିଲେ ବିଦେଶୀ କୁକୁରର ଶବ ପାଖେ। ମାଆ କୁକୁର ସେମାନଙ୍କୁ ବିକଳରେ ଚାହିଁଥିଲା। ତା ଛୁଆମାନଙ୍କୁ ଚାପି ଦେଇଥିବା ଗାଡି ଭଳି ଦିଶୁଥିବା ଗାଡିମାନେ ତା ଆଖି ଆଗରେ ଚାଲିଗଲାବେଳେ ସେ ଖୁବ୍ ଜୋର୍ରେ ଧାଉଁଥିଲା ପ୍ରତିଶୋଧ ନେବାକୁ!

•

ରଂଜିତା ଦେବୀ ଫୋନ୍ ଆଡକୁ ବାରମ୍ବାର ଦେଖୁଥିଲେ। ଅନେକ ଫୋନ୍ ଆସୁଥିଲା ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ଦେବାକୁ। ହେଲେ ସୁଖୀ ନଥିଲେ ସେ। ଆଶୁତୋଷ ବାବୁ ବୁଝାଇଲେ- ପିଲାମାନେ ବ୍ୟସ୍ତ ଥିବେ। ବରଂ ଆମେ ସେମାନଙ୍କୁ ଆଶୀର୍ବାଦ ଜଣେଇଦେବା। ଯେତେ କାମ ଥିଲେ ବି କଣ ଆମକୁ ଭୁଲିଯିବେ! ଅଭିମାନ ସ୍ୱରରେ କହିଲେ ରଂଜିତା ଦେବୀ।

କେତେ ଚାପରେ ପିଲାମାନେ ରହୁଛନ୍ତି ସେମାନେ। ଯଦି କିଛି ପ୍ଲାନିଂ କରୁକରୁ ଆମକୁ ଭୁଲିଯାଇଥିବେ, ଆମେ କଣ ଅବୁଝା ହେବା?

ରଂଜିତା ଦେବୀ ବିରକ୍ତିରେ କହିଲେ-କିନ୍ତୁ କେତେଦିନ? ବାପାମାଆ ହେବା ଆଶୀର୍ବାଦ ନା ଅଭିଶାପ? ସାରା ଜୀବନ ସେମାନଙ୍କ ସୁଖ ସୁବିଧା ଚିନ୍ତା କରି ଆମେ ତ ସମୟ ସାରିଦେଇଛେ! ଆଉ କାହିଁ ସେ ମନ..! ଗୋଟେ ଥର ନୂଆବର୍ଷ ପାଳିବାକୁ ସେମାନେ କଣ ଆମ ପାଖକୁ ଆସନ୍ତେନି? ଆଖି ପାଣିଚିଆ ହୋଇଆସୁଥିଲା ଦୁହିଁଙ୍କ। ଦେଖ, ଭୋର୍ ହୋଇଗଲା.. ଅଥଚ ଫୋନ୍ଟେ ବି ଆସିଲାନି ପୁଅ ବୋହୂ କି ନାତି ନାତୁଣୀଙ୍କର! ଦୁଃଖ କରନି ରଂଜିତା, ଏମିତି କେତେ ରାତି ସେମାନଙ୍କ ପାଇଁ ଅନିଦ୍ରାରେ ବିତିଛି। ଆଜି ବି ସେମିତି..! ଯାଅ..ପେପର୍ ବାଲା ଗେଟ୍ ଖୋଲିଲାଣି। ସକାଳ ଖବରରୁ ଆରମ୍ଭ ହେବ ନୂଆବର୍ଷର ସକାଳ। ତୁମେ ବି ଗ୍ରୀନ୍ ଟି' ବନାଇ ଦିଅ। ଦୁହେଁ ଆଜି ଏମିତି ସ୍ୱାଗତ କରିବା ନୂଆବର୍ଷର ସକାଳକୁ।

ଝର୍କାପଟୁ ଶୁଭିଲା- ତେବେ ଆଉ ଚାରି କପ୍ ଅଧିକ ଚା' ବନାଇ ଦେ' ମାଆ। ତା' ସହ ତୋ' ହାତ ତିଆରି କୋବି ପକୋଡା ବି। ଯାହା ତୋ ନାତିନାତୁଣୀମାନଙ୍କ ପ୍ରିୟ ଖାଦ୍ୟ ସେମାନଙ୍କ ଜେଜେ ମାଆ ହାତର। ଆଶୁତୋଷ ବାବୁ ଓ ରଂଜିତା ଦେବୀଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡୁଥିଲା।

(ସମାପ୍ତ)

*ମାର୍ଫତ/ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ*
*ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର*
*କ୍ୱା.ନଂ-୩ଆର/୪,ଜଗତସିଂହପୁର*

## ପିଲାଙ୍କ ଦୁନିଆ





ସୁଲଗ୍ନା ରଥ
ଷ୍ଟାଣ୍ଡାର୍ଡ -୫
ଦିଲ୍ଲୀ ପବ୍ଲିକ୍ ସ୍କୁଲ, ପୁଣେ





ନାଗେଶ୍ୱରୀ ନାୟକ
ଷ୍ଟାଣ୍ଡାର୍ଡ - ୭
ସେଣ୍ଟ୍ ଜାଭିୟର ହାଇସ୍କୁଲ
ନିମାପଡ଼ା, ପୁରୀ




# ପଏଁରୀ : ୧ରୁ ଦୁଲୁକିବ ଭୀମଭୋଇ କଳାମଣ୍ଡପ

**ସୋନପୁର :** ପଏଁରୀ ତିହାର ୨୦୧୯ ର ପ୍ରସ୍ତୁତି ଶେଷ ପଯ୍ୟାୟରେ ପହଂଚିଛି ଏଥର ପୁଣି ଜାନୁଆରୀ ୧ ରୁ ୩ ଦୁଲୁକିବ ଭୀମଭୋଇ କଳାମଣ୍ଡପ। ସୋନପୁର ଜିଲ୍ଲାର ଅଗ୍ରଣି ଅନୁଷ୍ଠାନ ପଏଁରୀ ଠାରେ ଏକ ସାମ୍ବାଦିକ ସମ୍ମିଳନିରେ ଏହି ସୁଚନା ଦିଆଯାଇଛି । ପଏଁରୀ ଅନୁଷ୍ଠାନ ର ସଭାପତି ଲଡୁକିଶୋର ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅଥିଥି ଭାବେ ସମାଜ ସେବି ଶ୍ରୀବତ୍ସ ମଲ୍ଲିକ ଓ ସ୍ୱଚ୍ଛ ଭାରତ ସଂଗଠନ ର ସଭାପତି ଲକ୍ଷ୍ମୀ ନାରାଣ ମେହେର ଯୋଗଦେଇଥିବ ବେଳେ ସମ୍ପାଦକ ଚୈଧୁରୀ ବିଭାର ଆଶନ୍ତା ଜାନୁଆରି ୧ରୁ ୩ ପଯ୍ୟନ୍ତ ପଏଁରୀ ତିହାର ୨୦୧୯ ପାଳନ ହେବାସହ ବିଶେଶ କରି ପଶ୍ଚିମ ଓଡିଶାର କଳାସଂସ୍କୃତି କୁ ନେଇ ଏହି ତିହାର ରେ ଧୁନକେଲ, ଦଣ୍ଡ, ଘୁବୁକୁଡୁ,ଡାଲଖାଇ,କରମସାନି ଆଦିରେ ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ସାତ ସହ ରୁ କଳାକାର ଭାଗ ନେବେ ବୋଲି ସୁଚନା ଦେବା ସହ ଚଳିତ ବର୍ଷ ମାଧବ ଭୋଇ.କଣ୍ଠଶୀଳ୍ପୀ, ଶ୍ରୀପୁରା, ଶୀଯୁକ୍ତ ଗଙ୍ଗାଧର ଦାସ ନୃତ୍ୟ କଳାକାର କଟକ ଓ ସୁରେଶ ବରର୍ଗୀ ଲୋକ ବାଦ୍ୟ ଶିଳ୍ପି, ମହଦାଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଜିବ ବେଲି ପକାଶ କରିଥିଲେ । ଏହି ସମ୍ମଳନୀରେ ସହ ସମ୍ପାଦକ ପୃଥିରାଜ ବାଘ ଧନ୍ୟବାଦ ଅର୍ପଣ କରିଥିବ ବେଲେ ।ଉପ ସଭାପତି ପ୍ରଫୁଲ୍ଲ ନାୟକ, ସନ୍ତୋଷ ପାଢ଼ି, ସନ୍ତୋଷ ମିଶ୍ର,ସୌମ୍ୟ ରଜଂନ ସେଠି,ଅମିତ ସାହୁ, ଲଳିତ ମେହେର, ସୁଶାନ୍ତ ସାହୁ, ଚନ୍ଦ୍ରଶେଖର ସାହୁ, ନରାଣ ଜଗଦଲାଙ୍କ ସହ ଅନୁଷ୍ଠାନ ର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାବାଳିକାଙ୍କୁ ...

ଧାରା-୯ରେ ସଂଶୋଧନ ଅଣାଯାଇ ନାବାଳିକା ଓ ନାବାଳକ ପ୍ରତି ପ୍ରାକୃତିକ ବିପଦ ସମୟରେ ହେଉଥିବା ଯୌନ ଅପରାଧରୁ ସେମାନଙ୍କୁ ରକ୍ଷା କରିବା ପାଇଁ ବ୍ୟବସ୍ଥା ହୋଇଛି। ସେହିପରି ପର୍ଣ୍ଣୋଗ୍ରାଫି ବିପଦ ଦୂର କରିବା ଲାଗି ଅଧିନିୟମର ଧାରା -୧୪ ଓ ୧୫ରେ ସଂଶୋଧନ ପାଇଁ ପ୍ରସ୍ତାବ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଏପ୍ରିଲ୍‌ରେ ସରକାର ଏକ ଅଧ୍ୟାଦେଶ ଜାରି କରି ୧୨ ବର୍ଷରୁ କମ୍ ନାବାଳିକାଙ୍କ ପ୍ରତି ଦୁଷ୍କର୍ମରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଏବଂ ୧୬ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା କରିଥିଲେ।

### ‘ମହାପାପୀଙ୍କୁ କ୍ଷମା ...

ବୟାନ ବିରୁଦ୍ଧରେ ସାରା ରାଜ୍ୟରେ ଗଢି ଉଠିଥିବା ବିରୁଦ୍ଧାଭାଷକୁ ଅତି ଚତୁରତାର ସହ ଏଡାଇବା ପାଇଁ ପୁରୀ ବିଧାୟକ ମହେଶ୍ୱର ମହାନ୍ତି ଓ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ମିଳିତ ଉଦ୍ୟମରେ ଏହି ବିଭ୍ରାଟକୁ ରଚନା କରାଯାଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଦୀର୍ଘ ୯୦୦ ବର୍ଷ ଇତିହାସରେ ଗତ ସାଢେ ୩ ବର୍ଷ ମଧ୍ୟରେ ଜଗନ୍ନାଥ ସଂସ୍କୃତି, ପଂରପରା ଏବଂ ଐତିହ୍ୟକୁ ମୁଖ୍ୟମନ୍ତ୍ରୀ ଅପମାନିତ କରିଚାଲିଛନ୍ତି । ଦାରୁ ଫିଙ୍କିଙ୍ଗ, ରତ୍ନ ଭଣ୍ଡାର ଚାବି ଚୋରୀ, ହୁଣ୍ଡିରୁ ସୁନା ହଡପ ଘଟଣାରେ ରାଜ୍ୟସରକାରଙ୍କ ସଂପୃକ୍ତି ଥିବାର ପ୍ରମାଣ ମିଳିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଗତ ଡିସେମ୍ବର ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୋର୍ଦ୍ଧା ଠାରେ ନିଜ ଅଭିଭାଷଣ ରଖିବା ପୂର୍ବରୁ ଏବଂ ପରେ ‘ଜୟ ଜଗନ୍ନାଥ’ଙ୍କୁ ସ୍ମରଣ କରିବା ଘଟଣାରେ ଉଭୟ କଂଗ୍ରେସ ଓ ବିଜେଡି ବ୍ୟଙ୍ଗ କରିଥିଲେ । ଓଡିଆଙ୍କ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ ଦିନ ସାରା ଉପାସ ରଖି ବିଜେଡି କେତେ ସମ୍ମାନ ଦେଇଛି ତାହା ଆଜି ସ୍ପଷ୍ଟ ହୋଇଛି । ଏତେ ବଡ ଘଟଣାକୁ ମାମୁଲି ବୋଲି ଦର୍ଶାଇ ସାଢେ ୪ କୋଟି ଓଡିଆଙ୍କ ଭାବାବେଗ ଓ ସ୍ୱାଭିମାନକୁ ମୁଖ୍ୟମନ୍ତ୍ରୀ କୁଠାରଘାତ କରିଛନ୍ତି । ଏହି ମହାପାପୀମାନଙ୍କୁ ଓଡିଶାବାସୀ କଦାପି କ୍ଷମା ଦେବେନି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

### ସ୍ୱତନ୍ତ୍ର ପାହ୍ୟା ...

ଉପରେ ଗାଡ଼ି ଚାଲିଛି। ଯେଉଁ ଯାତ୍ରୀମାନେ ଗମନାଗମନ କରୁଛନ୍ତି, ତାହା ଭଗବାନଙ୍କ ଭରସାରେ ଏବଂ ସମାନ ଚିତ୍ର ବାରିପଦାରୁ ଦେବଗଡ଼ ଜାତୀୟ ରାଜପଥରେ ମଧ୍ୟ ଅନୁଭୂତ ହେଉଛି। ଅପରପକ୍ଷରେ ସାଢ଼େ ୪ବର୍ଷ ହେଲା ଉପକୂଳ ରାଜ୍ୟପଥ ପାଇଁ ଆମେ ଅପେକ୍ଷା କରୁଛୁ ବୋଲି ମାନ୍ୟବର ସଭାପତି ନିଜ ଉଦ୍‌ବୋଧନରେ କହିଥିଲେ। ଟେଲିକମ୍ କ୍ଷେତ୍ରରେ ବିଏସ୍ଏନ୍ଏଲ୍ ଭାରତ ସରକାରଙ୍କ ବୃହତ ନେଟ୍‌ୱାର୍କ ଥିଲାବେଳେ ଓଡ଼ିଶାର ଅଧା ଗାଁରେ ଏହି ନେଟ୍‌ୱାର୍କ ମିଳୁନାହିଁ। ନେଟ୍‌ୱାର୍କ ପାଇବା ପାଇଁ କେହି ଗଛରେ ଚଢୁଛନ୍ତି ତ କାହାକୁ ବଡ଼ କୋଠା ଘର ଉପରକୁ ଯିବାକୁ ପଡୁଛି। ମୋବାଇଲ୍ ସହ ଗଛ ଚଢ଼ା ଶିଖିବା ଦରକାର ଏବଂ ସହରମାନଙ୍କରେ ନେଟ୍‌ୱାର୍କ ମଧ୍ୟ ସବୁବେଳେ ବ୍ୟସ୍ତ ବୋଲି ମାନ୍ୟବର ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ। ରେଳବାଇ କ୍ଷେତ୍ରରେ ଉନ୍ନତି କେବଳ ଟ୍ରେନ୍ ଟିକେଟ୍ ଓ ପ୍ଲାଟ୍‌ଫର୍ମ ଟିକେଟ୍ ଦରରେ ଆସିଥିବା କହି ସେ ପ୍ରକାଶ କରିଥିଲେ ଯେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗୀକରଣ ଏବଂ ରାଜ୍ୟ ସରକାର ଏହି ପ୍ରକଳ୍ପର ଅଧା ଖର୍ଚ୍ଚ ବହନ କରିବା ସହ ମାଗଣାରେ ଜମି ମଧ୍ୟ ପ୍ରଦାନ କରୁଛନ୍ତି। ତଥାପି କାମ ଆଗକୁ ବଢ଼ିପାରୁ ନାହିଁ। ଜଣାପଡୁଛି ଏହି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ବୋଧେ ଇତିହାସ ବହିରେ ରହିଯିବ ଏବଂ ପିଲାମାନେ ଏହା ପାଠ କରିବେ। ନୋଟ୍ ବନ୍ଦୀ ଯୋଗୁ ଲୋକମାନଙ୍କୁ ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ହଇରାଣ ହେବାକୁ ପଡିଥିଲା ଏବଂ ଏହି ଅନୁଭୂତି ସମସ୍ତଙ୍କର ରହିଥିବ। ଓଡ଼ିଶାର ଅଧା ଗାଁରେ ବ୍ୟାଙ୍କ ନାହିଁ ଏବଂ ବହୁ ସଭା ଆଲୋଚନା ପରେ ମଧ୍ୟ ଲୋକଙ୍କୁ ବ୍ୟାଙ୍କ ସେବା ମିଳିପାରୁ ନାହିଁ। କେନ୍ଦ୍ର ସରକାର ପ୍ରଚାର କରିଥିଲେ ଯେ କୋଇଲା ନିଲାମ ଦ୍ୱାରା ଓଡ଼ିଶାକୁ ୭୦ ହଜାର କୋଟି ଟଙ୍କା ପ୍ରାପ୍ତ ହେବ ଓ ଓଡ଼ିଶାବାସୀଙ୍କ ଦୁଃଖ ରହିବ ନାହିଁ। କିନ୍ତୁ ୩ବର୍ଷ ପରେ ମଧ୍ୟ ମାତ୍ର ୩୭୦ କୋଟି ଟଙ୍କା ମିଳିପାରିଛି ବୋଲି ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ। ଚାଷୀଙ୍କୁ ଶସ୍ୟ ବୀମା ଦ୍ୱାରା ଉଚିତ୍ କ୍ଷତିପୂରଣ ଓ ପରିମାଣ ଠିକ୍ ସମୟରେ ମିଳିପାରୁ ନାହିଁ। ଚାଷୀଙ୍କ ଲାଭ ନହୋଇ ଘରୋଇ ବୀମା କମ୍ପାନୀଙ୍କର ଲାଭ ହେଉଛି। ଭାରତୀୟ ଜନତା ପାର୍ଟି ତା’ର ୨୦୧୪ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା ଯେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା, ଦେଢ଼ଗୁଣ ଏମ୍ଏସ୍‌ପି ବୃଦ୍ଧି କରିବା ଓ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବ। କିନ୍ତୁ ସାଢ଼େ ୪ବର୍ଷ ବିତିଗଲା ପରେ ମଧ୍ୟ ସରକାରରେ ଥାଇ ଏ ମଧ୍ୟରୁ କୌଣସି ଗୋଟିଏ ପ୍ରତିଶ୍ରୁତି ରକ୍ଷା କଲେନାହିଁ। ଅପରପକ୍ଷରେ ଜନଜାତି ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ଅର୍ଥ ବନ୍ଦ କରିବା ସହିତ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଛାତ୍ରବୃତ୍ତି ଅର୍ଥ ମଧ୍ୟ ଗତ ୨ବର୍ଷ ହେଲା ବନ୍ଦ କରିଦେଇଛନ୍ତି। ରାସ୍ତାଘାଟ, କୋଠାବାଡ଼ିରେ ବଡ଼ ବଡ଼ ହୋର୍ଡିଂ ମାରି କେନ୍ଦ୍ରର ଉଜ୍ଜ୍ୱଳା ଯୋଜନାକୁ ବହୁତ ପ୍ରଚାର କରାଗଲା ପରେ ମଧ୍ୟ ମା’ମାନଙ୍କର ଦୁଃଖ ଗଲାନାହିଁ। କେନ୍ଦ୍ର ସରକାର ୩୦ଲକ୍ଷ ମହିଳାଙ୍କୁ ଗ୍ୟାସ୍ ସଂଯୋଗ ଦିଆଗଲା ବୋଲି ଦାବି କରିବା ସତ୍ତ୍ୱେ ଏଲ୍‌ପିଜି ଦର ବୃଦ୍ଧି ଯୋଗୁ ରିଫିଲିଂ କେତେଜଣ କରୁଛନ୍ତି ଏବଂ ଏହାର ବାସ୍ତବିକତା ଆପଣମାନେ ଜାଣିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ମତ ରଖିଥିଲେ।

ମହାନଦୀ ଓ ପୋଲାଭରମ୍ ପ୍ରସଂଗରେ ଓଡ଼ିଶାର ହକ୍ ପାଇଁ ରାଜ୍ୟକୁ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡିଥିଲା। ଏହା ହେଉଛି ଭାରତ ସରକାରଙ୍କ ପରୋକ୍ଷରେ ସଫଳତା ଏବଂ ଏହାର ଜବାବ ଓଡ଼ିଶା ମାଗୁଛି ବୋଲି ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିବା ବେଳେ ଦଳର କର୍ମୀ ଓ ନେତାମାନଙ୍କୁ ପ୍ରତି ଘରେ ଯାଇ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୨୦୧୫ରୁ ଏ ପର୍ଯ୍ୟନ୍ତ କୋଇଲା ରୟାଲିଟି ସଂଶୋଧନ ହୋଇନାହିଁ। ୫ମିନିଟ୍ ମଧ୍ୟରେ ଏହି ନିଷ୍ପତ୍ତି ହୋଇପାରିବ କିନ୍ତୁ ହେଉନାହିଁ। ଏହାଯୋଗୁ ଓଡ଼ିଶାବାସୀ ହଜାର ହଜାର କୋଟି ଟଙ୍କା ହରାଉଛନ୍ତି। ଭାରତ ସରକାର କ୍ଲିନ୍ ଏନର୍ଜି ସେସ୍ ବସାଇ ୨୧୦୦ କୋଟି ଟଙ୍କା ଆଦାୟ କଲେ, କିନ୍ତୁ ଓଡ଼ିଶାବାସୀଙ୍କୁ କିଛି ମିଳିଲା ନାହିଁ। ଓଡ଼ିଶାର ମାଟି ଓ ଖଣିକୁ ନେଇ ମହାନଦୀ କୋଲ୍ ଫିଲ୍‌ଡି ଭଳି କମ୍ପାନୀ ଗଠନ କରାଗଲା, ଯିଏକି ପ୍ରତିବର୍ଷ ୨୦ ହଜାର କୋଟି ଟଙ୍କା ଲାଭ କରୁଛି, କିନ୍ତୁ ଓଡ଼ିଶାବାସୀ କେବଳ ପ୍ରଦୂଷଣ ପାଉଛନ୍ତି। ଓଡ଼ିଶାରୁ ବର୍ଷକୁ ରେଳବାଇ ୨୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିଲା ବେଳେ ରାଜ୍ୟ ପାଇଁ ବଜେଟ୍‌ରେ ମାତ୍ର ୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଥିଲେ। ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ କହିଥିଲେ, “ଯେ ମୋତେ ଆର୍ଥିକ ସ୍ୱାଧୀନତା ଦିଅ। ମୁଁ ଓଡ଼ିଶାକୁ ଦକ୍ଷିଣ ଏସିଆର ଏକ ଆଗୁଆ ରାଜ୍ୟ କରି ଗଢ଼ିତୋଳିବି।” ବିଜୁବାବୁଙ୍କ ଏହି ମତ ଠିକ୍ ଓ ଏହାସହ ସେ ଏକମତ ବୋଲି ଦଳର ମାନ୍ୟବର ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ। ଶ୍ରୀ ପଟ୍ଟନାୟକ ଦୃଢ଼ତାର ସହିତ ମତ ରଖିଥିଲେ ଯେ ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କୁ ରାଜ୍ୟ ଚଳାଇବା ପାଇଁ ଆର୍ଥିକ ସ୍ୱାୟତ୍ତତା କେନ୍ଦ୍ର ସରକାର ଦିଅନ୍ତୁ। ଯଦି କେନ୍ଦ୍ର ସରକାର ଏହା ଦିଅନ୍ତି, ତେବେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, କେନ୍ଦ୍ରୀୟ ପାଣ୍ଠି କିମ୍ବା ଅନୁଦାନର କୌଣସି ଆବଶ୍ୟକତା ରହିବ ନାହିଁ। ଓଡ଼ିଶାର ଅର୍ଥରେ ଓଡ଼ିଶାବାସୀଙ୍କୁ ଉନ୍ନତି ପଥରେ ଶ୍ରୀ ପଟ୍ଟନାୟକ ଆଗେଇ ନେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କଂଗ୍ରେସ ହେଉ କି ବିଜେପି, ଓଡ଼ିଶା ପ୍ରତି କୌଣସି ଜାତୀୟ ଦଳର ଦରଦ ନାହିଁ ଏବଂ ମୁଁ ଏହା ଅନୁଭବ କରିଛ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ନିର୍ବାଚନ ଆସିଲେ ଉଭୟ ଦଳ ଓଡ଼ିଶା ଆସନ୍ତି, ବଡ଼ ବଡ଼ ସ୍ୱପ୍ନ ଦେଖାନ୍ତି। ଗୁଡାଏ ଶିଳାନ୍ୟାସ କରନ୍ତି, ତା’ପରେ ଆଉ ଦେଖା ମିଳେନାହିଁ। ବିଜୁ ଜନତା ଦଳ କଥାରେ ନୁହେଁ, କାମରେ ବିଶ୍ୱାସ କରେ। ଏଥିପାଇଁ ବିଜୁ ଜନତା ଦଳ ଆଜି ଏକ ଆନ୍ଦୋଳରେ ପରିଣତ ହୋଇଛି ଓ ଏହି ଆନ୍ଦୋଳନ ଓଡ଼ିଶାବାସୀଙ୍କ ହକ୍ ଓ ସ୍ୱାଭିମାନ ପାଇଁ, ଯାହାକି ଆଗକୁ ମଧ୍ୟ ଜାରି ରହିବ ବୋଲି ମାନ୍ୟବର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ନେତା ଓ କର୍ମୀମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଦଳୀୟ ପାଣ୍ଠିକୁ ସହାୟତା ପ୍ରଦାନ କରିବା ପାଇଁ ମାନ୍ୟବର ସଭାପତି ଶ୍ରୀ ପଟ୍ଟନାୟକ ଯେଉଁ ନିବେଦନ କରିଥିଲେ, ସେହି ଅନୁଯାୟୀ ଆଜି ଦଳର ବହୁ ନେତା ଓ କର୍ମୀ ଚେକ୍ ମାଧ୍ୟମରେ ଅର୍ଥ ପ୍ରଦାନ କରିଥିଲେ।

### ନିଉ ଇଣ୍ଡିଆର ବିକାଶ ...

ଡିଜେଲ, କିରୋସିନ ଓ ଉଡାଜାହାଜ ଇନ୍ଧନ ସୁବିଧାରେ ପାଇପାରିବେ। ଓଡିଶା କ୍ରମେ ପେଟ୍ରୋଲିୟମ ଶିଳ୍ପର ପ୍ରମୁଖ ହବ୍ ହେବାକୁ ଯାଉଛି । ପାରାଦୀପ ଏଥିରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ କହିଥିଲେ ଯେ, ସବୁ ଘରକୁ ଏଲପିଜି ଯୋଗାଣ ଲକ୍ଷ୍ୟର ନିକଟବର୍ତ୍ତୀ ହେଉଛନ୍ତି କେନ୍ଦ୍ର ସରକାର । ଏହାବାଦେ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ଲାଗି ନିରବଚ୍ଛିନ୍ନ ପ୍ରୟାସ ଜାରୀ ରହିଛି । ପ୍ରଧାନମନ୍ତ୍ରୀ ଉର୍ଜାଗଙ୍ଗା ଯୋଜନାରେ ଉତର ପ୍ରଦେଶରୁ ଓଡିଶା ପର୍ଯ୍ୟନ୍ତ ପାଇପ ଲାଇନ ଟଣା ଯାଉଛି। ଜଗଦୀଶପୁର-ହଳଦିଆ-ବୋକାରୋ-ଧାମରା ସେକ୍ସନ ଅନ୍ତର୍ଗତ ବୋକାରୋ-ଅନୁଗୁଳ ସେକ୍ସନ ଗ୍ୟାସ ପାଇପ ଲାଇନ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ଓଡିଶାର ୫ଟି ଏବଂ ଝାଡଖଣ୍ଡର ୬ଟି ଜିଲ୍ଲା ଉପକୃତ ହେବେ।

ଏହି ସମାରୋହରେ ପ୍ରଥମ ସ୍ୱାଧିନତା ସଂଗ୍ରାମ ରୂପେ ଅଭିହିତ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଡାକ ଟିକଟ ଓ ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରାକୁ ଉନ୍ମୋଚନ କରି ପ୍ରଧାନମନ୍ତ୍ରୀ ପାଇକ ବୀରମାନଙ୍କୁ ସମ୍ମାନ ଜଣାଇଥିଲେ । ପାଇକ ବିଦ୍ରୋହର ନାୟକ ରୂପେ ପରିଚିତ ବକ୍ସି ଜଗବନ୍ଧୁଙ୍କ ଅବଦାନକୁ ମଧ୍ୟ ସେ ସ୍ମରଣ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଚେୟାର ପ୍ରତିଷ୍ଠା କରାଯିବ । ଏଥିଲାଗି କେନ୍ଦ୍ର ସରକାର ୫ କୋଟି ଟଙ୍କା ଯୋଗଇ ଦେଇଛନ୍ତି । ଏହି ଚେୟାର ମାଧ୍ୟମରେ ରାଷ୍ଟ୍ରବାଦୀ ଆନ୍ଦୋଳନ ଏବଂ ଓଡିଶାର ଆଦିବାସୀମାନଙ୍କ ସାମାଜିକ-ଆର୍ଥିକ ପରିବର୍ତ୍ତନ ଉପରେ ଗବେଷଣା କରାଯିବ । ସେହିପରି ଲଳିତଗିରି ପତ୍ନତତ୍ୱ ସଂଗ୍ରହାଳୟକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍ଘାଟନ କରିଥିଲେ। ୯.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରତ୍ନତତ୍ୱ ମ୍ୟୁଜିୟମ ଦେଶ ବିଦେଶରୁ ଗବେଷକ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ । ତା’ଛଡା ରୋଜଗାର ସୁଯୋଗ ସୃଷ୍ଟି କରିବ। ଆଇଆଇଟି ସମାରୋହରେ ପ୍ରଧାନମନ୍ତ୍ରୀ ରିମୋଟ ଜରିଆରେ ଏନଏଚ-୧୬ ଜାତୀୟ ରାଜପଥର ଚଣ୍ଡିଖୋଲ-ଭଦ୍ରକ ସେକ୍ସନକୁ ୬ ଲେନ କରିବା, ଖଣ୍ଡଗିରି ଫ୍ଲାଏଓଭର, ଏନଏଚ-୫ ଅନ୍ତର୍ଗତ କଟକ-ଅନୁଗୁଳ ସେକ୍ସନର ୪ ଲେନ କାର୍ଯ୍ୟ ଏବଂ ଟାଙ୍ଗି-ପୁଇଁତଳା ସେକ୍ସନର ନିର୍ମାଣ କାର୍ଯ୍ୟର ଆଧାରଶିଳା ରଖିଥିଲେ । ପ୍ରଧାନମନ୍ତ୍ରୀ କହିଲେ ଯେ, ଏହିସବୁ ଭିତିଭୂମି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ନିଉ ଇଣ୍ଡିଆର ଅଭ୍ୟୁଦୟ ହେବ । ଓଡିଶା ନିଉ ଇଣ୍ଡିଆ ବିକାଶର ଇଞ୍ଜିନ ସାଜିବ ବୋଲି କହିଥିଲେ। ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ତଥା ଦକ୍ଷତା ବିକାଶ ଓ ଉଦ୍ୟମୀତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଥିଲେ ଯେ, ଆଜି ହେଉଛି ଏକ ଐତିହାସିକ ଦିନ । ପାଇକ ଆନ୍ଦୋଳନର ସ୍ମୃତି ବହନ କରୁଥିବା ଏକ ସ୍ମାରକୀ ଡାକ ଟିକଟ ଓ ସ୍ୱତନ୍ତ୍ର ମୁଦ୍ରା ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉନ୍ମୋଚିତ ହୋଇଛି । ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ୧୮୧୭ ମସିହାରେ ପାଇକମାନଙ୍କ ଦ୍ୱାରା ପ୍ରକୃତ ମୁକ୍ତି ସଂଗ୍ରାମ ବରୁଣେଇ ପାହାଡ ପାଖରୁ ଆରମ୍ଭ ହୋଇଥିଲା । ଏହି ସ୍ମାରକୀର ୨୦୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ଏହି ମାଟିରୁ ଓଡିଶା ବିକାଶର ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ଏହାର ଅଂଶ ସ୍ୱରୂପ ପ୍ରଧାନମନ୍ତ୍ରୀ ୧୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପମାନ ଶୁଭାରମ୍ଭ କରୁଛନ୍ତି। କେନ୍ଦ୍ର ସରକାର ୪ର୍ଥ ଶିଳ୍ପ ବିପ୍ଳବ ପଞ୍ଚମ ପିଢ଼ି ଆଡକୁ ଅଗ୍ରସର ହେଉଛନ୍ତି । ଆଇଆଇଟି ଭୁବନେଶ୍ୱର ଜ୍ଞାନ ଓ ଗବେଷଣାର ନୂତନ କେନ୍ଦ୍ର ହେବାକୁ ଯାଉଛି । ନାଇଜର ଓ ଆଇଜର ଏହି ଅଭ୍ୟୁଦୟକୁ ଆହୁରି ବଳ ଦେବ। ଓଡିଶାର ବିକାଶରେ ପ୍ରଧାନମନ୍ତ୍ରୀଙ୍କ ଭବିଷ୍ୟଦୃଷ୍ଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ। ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପାଟକୁରା...

ବିଜେଡି ଓ ବିଜେପି ଦୁଇଦଳ ମଧ୍ୟରେ ଭୋଟ ବ୍ୟବଧାନ ମାତ୍ର ୯ ହଜାରକୁ ଖସି ଆସିଥିଲା। ତେଣୁ ପାଟକୁରାରେ ବିଜେଡିର ଅବସ୍ଥା ଭଲ ନଥିବା ଏହା ତା’ର ସୂଚନା। ପାଟକୁରାରେ ବିଜେଡି ଅପେକ୍ଷା ବିଜେପିର ସ୍ଥିତି ମଜଭୁତ ରହିବା କଥା ସ୍ପଷ୍ଟ ବାରି ହେଉଛି।

ଆଗାମୀ ସାଧାରଣ ନିର୍ବାଚନ ଆଉ କିଛିମାସ ବାକିଥିଲା ବେଳେ ଏବେଠାରୁ ଏହି ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଜାଣି ହେଉଛି। ଦିନକୁ ଦିନ ଏଠାରେ ବିଜେଡିର ଗୋଷ୍ଠୀକନ୍ଦଳ ବଢ଼ି ଚାଲିଥିଲା ବେଳେ ବିଜେପିର ନେତୃତ୍ୱ ନେଉଥିବା ଇଂ.ମହାନ୍ତିଙ୍କ ଗୁରୁତ୍ୱ ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନର ବିଧାୟକ ଥିବା ଶ୍ରୀ ଅଗ୍ରୱାଲଙ୍କୁ ୮୧ ବର୍ଷ ଛୁଇଁଲାଣି। ତେଣୁ ରାଜନୀତିରେ ଆଉ ଅଧିକ ଦିନ ସେ ସକ୍ରିୟ ରହିପାରିବେ ବୋଲି ସ୍ଥାନୀୟ ଭୋଟର ଅନୁମାନ କରିପାରୁ ନାହାନ୍ତି। ଯଦିଓ ଶ୍ରୀ ଅଗ୍ରୱାଲ ରାଜନୀତି ଛାଡିବା ନେଇ କୌଣସି ଘୋଷଣା କରିନାହାନ୍ତି ତଥାପି ବୟସାଧିକ ହେତୁ ସେ ଯେ ଅଞ୍ଚଳ ପାଇଁ ବିଶେଷ ଉପଯୋଗୀ ହୋଇପାରିବେ ନାହିଁ ବୋଲି ଭୋଟରମାନେ ଅନୁମାନ କରୁଛନ୍ତି। ଏଥର ନିର୍ବାଚନ ଲଢ଼ିବାକୁ ତାଙ୍କୁ ଦଳୀୟ ଟିକଟ ନ ମିଳିଲେ ସେ ନିଜ ପୁଅ କିମ୍ବା ସ୍ତ୍ରୀଙ୍କ ନାଁରେ ଟିକଟ ଆଣିବାକୁ ଜୋରଦାର ଲବି ଚଳାଇଛନ୍ତି ବୋଲି ଆଲୋଚନା ହେଉଛି। ବିଜେଡିର ଅନ୍ୟ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ବି ଏଠାରେ କିଛି କମ୍ ନୁହେଁ। ଏହି ତାଲିକାରେ ଅଧ୍ୟାପକ ଅଜୟ ରାଉତ, ଖଦି ନିଗମ ଅଧ୍ୟକ୍ଷ ତେଜେସ୍ୱର ପରିଡା, ରବିନ୍ଦ୍ର ସାମଲ ଓ ସରୋଜ ସାହୁଙ୍କ ଭଳି ଅନେକ ଆଶାୟୀ ପ୍ରାର୍ଥୀ ଟିକଟ ଲବିରେ ରହିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ପାଟକୁରାରେ ବିଜେଡିର ଗୋଷ୍ଠୀକନ୍ଦଳ ଆଗାମୀ ଦିନରେ ରାଜନୈତିକ ସଙ୍କଟ ସୃଷ୍ଟି କରିବ। ହେଲେ ବିଜେପିର ଆଶାୟୀ ପ୍ରାର୍ଥୀ କିଛି କମ ନୁହଁନ୍ତି। ଇଂ. ମହାନ୍ତିଙ୍କ ବ୍ୟତୀତ ଉମାକାନ୍ତ ପଟ୍ଟନାୟକ ଓ ଉତ୍କଳ କେଶରୀ ପରିଡା ମଧ୍ୟ ବିଜେପି ଟିକଟରୁ ନିର୍ବାଚନ ଲଢ଼ିବା ନେଇ ପାଗ ଭିଡିଛନ୍ତି। ପାଟକୁରା କଥା ଉଠିଲେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ କଥା ଆପେ ଆପେ ସାମ୍ନାକୁ ଆସିଯାଏ। ଶ୍ରୀ ମହାପାତ୍ର ବିଜେପିରୁ ଇସ୍ତଫା ଦେଇ ଏଯାବତ୍ କୌଣସି ନୂଆ ଦଳରେ ଯୋଗ ଦେଇନାହାନ୍ତି। ତେଣୁ ଶ୍ରୀ ମହାପାତ୍ର ଯେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ନପାରନ୍ତି ଏହା ଅସ୍ୱୀକାର କରିହେବନାହିଁ। ଏଭଳି ସମ୍ଭାବନାକୁ ନେଇ ପାଟକୁରାରେ ଆଗାମୀ ଦିନର ରାଜନୀତି କ’ଣ ହେବ ତାହା ଏବେଠାରୁ କଳନା କରି ନହେଲେ ବି ଏଠାରେ ଯେ ବିଜେଡି ଅପେକ୍ଷା ବିଜେପିର ଅଧିକ ଗୁରୁତ୍ୱ ରହିଛି ତାହା ଜଣାପଡେ। ସେହିଭଳି କଂଗ୍ରେସ ଦଳର ଜୟନ୍ତ କୁମାର ମହାନ୍ତି, ଚିନ୍ମୟ ବେଉରିଆ, ରଘୁ ଶତପଥୀ ଓ ନାରାୟଣ ସ୍ୱାଇଁ ଦଳୀୟ ଟିକଟ ପାଇଁ ଲବି ଚଳାଇଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଟିକଟ ପାଇବ ଏପର୍ଯ୍ୟନ୍ତ ଜଣା ପଡିନଥିଲେ ମଧ୍ୟ କଂଗ୍ରେସ ଯେ ଏଥର ବିଜେପି ଓ ବିଜେଡିକୁ କଡା ଟକ୍କର ଦେବନାହିଁ ଏହା ଭାବିବା ଭୁଲ। ଏସବୁ ମଧ୍ୟରେ କିନ୍ତୁ ଯୁବ ଇଞ୍ଜିନିୟର ମାନସ ମହାନ୍ତିଙ୍କ ପଲ୍ଲା ଭାରି ରହିଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି। ଇଂ. ମହାନ୍ତି ଜଣେ ଉଚ୍ଚଶିକ୍ଷିତ ଏବଂ ଭଦ୍ର ମଣିଷ ଭାବେ ଅଞ୍ଚଳରେ ଖୁବ୍ ଜଣାଶୁଣା। ନିର୍ବାଚନ ମଣ୍ଡଳୀର ଅଧିକାଂଶ ଯୁବ ଭୋଟର ମାନସଙ୍କ ସପକ୍ଷରେ ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ଘରେ ଘରେ ପରିଚିତ ଥିବା ମାନସଙ୍କ ସପକ୍ଷରେ ଆଗାମୀ ନିର୍ବାଚନ ଯିବ ବୋଲି ଛକ, ବଜାର ସବୁଠି ଆଲୋଚନା ଚାଲିଛି। ଉଲ୍ଲେଖଯୋଗ୍ୟ, ବରିଷ୍ଠ ନେତା, ସାଂସଦ ବୈଜୟନ୍ତ ପଣ୍ଡା ବିଜେଡି ଛାଡିବା ପରେ ବିଜେପିକୁ ଯିବାର ସମ୍ଭାବନା ଅଧିକ ରହିଛି। ଏହି ପରିସ୍ଥିତିରେ ଶ୍ରୀ ପଣ୍ଡା ଯେବେ ବିଜେପିରେ ଯୋଗ ଦିଅନ୍ତି ତେବେ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ବିଜେପିର ପଲ୍ଲା ନିଶ୍ଚୟ ଭାରି ରହିବ ଏବଂ ପାଟକୁରା ଆସନଟି ନିଶ୍ଚୟ ବିଜେପି ଖାତାକୁ ଯିବ। ଯଦିଓ ଭୋଟରମାନେ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନିଅନ୍ତି ତଥାପି ଲୋକପ୍ରିୟତା ଆଧାରରେ ଇଂ. ମହାନ୍ତିଙ୍କ ପ୍ରତି ଏଠାରେ ଲୋକଙ୍କ ମନଭାବ ଅତ୍ୟନ୍ତ ଭଲ ରହିଛି। ବର୍ତ୍ତମାନର ବିଧାୟକ ଶ୍ରୀ ଅଗ୍ରୱାଲ ଯେବେ ଦଳୀୟ ଟିକଟରୁ ବଞ୍ଚିତ ହେବେ ଏବଂ ତାଙ୍କ ସ୍ଥାନରେ ତେଜେସ୍ୱର ଟିକଟ ପାଇବେ ତେବେ ପାଟକୁରା ଆସନରେ ବିଜେଡି ବିଜେପି ମଧ୍ୟରେ କଡା ଟକ୍କର ହେବ। ଏହି ପରିପ୍ରେକ୍ଷୀରେ ପ୍ରାର୍ଥୀ ହିସାବରେ ବିଚାରକୁ ନେଲେ ବିଜେଡି, ବିଜେପି ଓ କଂଗ୍ରେସର ତିନି ଦାବିଦାର ପ୍ରାର୍ଥୀ ଯୁବକ ଅଟନ୍ତି। କିନ୍ତୁ ଇଂ. ମହାନ୍ତିଙ୍କ ସାଂଗଠନିକ ଦକ୍ଷତା ଏବଂ ଅନ୍ୟକୁ ସାହାଯ୍ୟ କରିବାର ଗୁଣ ତାଙ୍କର ମହାନତାର ପରିଚୟ ଦିଏ। ସେ ସାଧାରଣ ଲୋକଙ୍କ ସେବା କରିବା ପାଇଁ ସତେଯେପରି ସଙ୍କଳ୍ପବଦ୍ଧ। ପିଲାଠୁ ଗୁରୁଜନ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଅତ୍ୟନ୍ତ ନିଜର ଭଳି ବ୍ୟବହାର ପ୍ରଦର୍ଶନ ସହିତ ଅଞ୍ଚଳର ବିକାଶ ପାଇଁ ଶାସକ ଓ ପ୍ରଶାସକଙ୍କ ଆଗରେ ସମସ୍ୟାକୁ ଉପସ୍ଥାପନ କରିବାରେ ମାହିର। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସେ ଯେଭଳି ତତ୍ପର ସୁବିଧା ଅସୁବିଧାରେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ସେତିକି ଉଜାଗର। ତେଣୁ ଏଥିରୁ ଏତିକି ଅନୁମାନ କରିହେବ ଯେ, ଆଗାମୀ ସାଧାରଣ ନିର୍ବାଚନରେ ପାଟକୁରାରେ ମାନସ ହିଁ ଜିତିବେ।

# କଳାହାଣ୍ଡିରେ ରାଜ୍ୟପାଳ



**ଭବାନୀପାଟଣା :** ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ କଳାହାଣ୍ଡି ଜିଲ୍ଲାକୁ ଆସି ବଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଥିଲେ। କଳାହାଣ୍ଡିର ଭବାନୀପାଟଣା ସ୍ଥିତ ମାଣିକେଶ୍ୱରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବାପାଇଁ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ଗୁଣୁପୁର ଅଞ୍ଚଳକୁ ବ୍ଲକ ମାନ୍ୟତା ଦାବିରେ ଜିଲ୍ଲାର ଏକ ପ୍ରତିନିଧିଦଳଙ୍କ ଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

# ବିଜେଡି ପ୍ରତିଷ୍ଠା ଦିବସ ପାଳିତ

**ଜୁନାଗଡ :** ଜୁନାଗଡ ଲଙ୍କେଶ୍ୱରୀ ପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର ବିଜେଡି କର୍ମୀ ସହର ପରିକ୍ରମା କରି ଜୁନାଗଡ ବଜାର ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ଉକ୍ତ ସାଧାରଣ ସଭାରେ କ୍ୟାପଟେନ ଶ୍ରୀଯୁକ୍ତ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଜନସାଧାରଣଙ୍କୁ ବିଜେଡି ପ୍ରତିଷ୍ଠା ଦିବସ ବାବଦରେ ଉଦବୋଧନ ଦେଇଥିଲେ। ଯୁବ ବିଜେଡିର ନେତା ହିମାଂଶୁ ଶେଖର ବରାଡ, ପ୍ରମୋଦ ବେହେରା, ଦିନୁ ବର୍ଗଡୀ, ଦିନେଶ ରାଉତ ପ୍ରମୁଖ ଯୋଗ ଦେଇ ଏହି ସାଧାରଣ ସଭାକୁ ପରିଚାଳନା କରିଥିଲେ।

# ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବିରେ ବନ୍ଦ ପାଳନ

**ଜୁନାଗଡ :** ଧର୍ମଗଡ ଉପଖଣ୍ଡ ଅଞ୍ଚଳକୁ ଜିଲ୍ଲାମାନ୍ୟତା ଦାବିକରି କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏଥିରେ ୬ ଟି ବ୍ଲକ ଜୁନାଗଡ, ଜୟପାଟଣା, କୋକସରା, ଗୋଲାମୁଣ୍ଡା, କଲମପୁର ଓ ଧର୍ମଗଡ ର ସମସ୍ତ ଜନସାଧାରଣ ବନ୍ଦ ପାଳନକୁ ଓ ଜିଲ୍ଲା ମାନ୍ୟତାକୁ ଦାବି କରିବାକୁ ଯାଇ ସମସ୍ତ ଦୋକାନ, ବଜାର, ଗାଡି ମଟର ତଥା ଅଫିସ ବନ୍ଦକରିଥିଲେ। ଧର୍ମଗଡ କଳାହାଣ୍ଡି ଜିଲ୍ଲା ଏକ ପ୍ରମୁଖ ସହର ହୋଇଥିବା ବେଳେ ଏଠାରେ ଜିଲ୍ଲା ସଦର ମହକୁମାପାଇଁ ସମସ୍ତ ଭିତିଭୂମି ରହିଛି ବୋଲି ଉକ୍ତ ସଭାରେ ଦାବି କରାଯାଇଥିଲା। ଉକ୍ତ ବନ୍ଦକୁ ବ୍ୟବଶାଇ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ ଓ ସମସ୍ତ ବେସରକାରୀ ସଂସ୍ଥା ଆଦି ସମର୍ଥନ କରିଥିଲେ।

# ସିଙ୍ଘାରି ଘାଟିରେ ଅଜଣା ଯନ୍ତୁ ଆତଙ୍କ

**ଥୂଆମୁଳ ରାମପୁର :** ଗତ ୨ ଦିନ ତଳେ ଥୂଆମୁଳ ରାମପୁର ନିକଟସ୍ତ ସିଙ୍ଘାରି ଘାଟିରେ ଏକ ଅଜଣା ଯନ୍ତୁର ଆତଙ୍କରେ ସ୍ଥାନୀୟ ଅଞ୍ଚଳର ବହୁତ ଛେଳି ମୃତ ଓ ଆହତ ହୋଇଥିବା ଜଣା ପଡିଛି। ମୃତ ଛେଳି ଗୁଡିକ ଅଦ୍ୟାବଧି ଜଙ୍ଗଲରେ ପଡିରହିଛି। ପ୍ରଶାସନ ଓ ଜନସାଧାରଣ ଆତଙ୍କ ଖେଳାଇଥିବା ଯନ୍ତୁକୁ କାବୁ କରିବା ପାଇଁ ସମସ୍ତ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛନ୍ତି।

# ଜିଲ୍ଲା ତୈଳିକ ବୈଶ୍ୟ ସମାଜର ବୈଠକ

**ସୋନପୁର :** ସୋନପୁର ସ୍ଥାନିୟ ଶ୍ରୀଶ୍ରୀ ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ତୈଳିକ ବୈଶ୍ୟ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପଙ୍କଜ ସାହୁ ଙ୍କ ସଭାପତିତ୍ୱ ଏହି ସଭା ରେ ଜିଲ୍ଲା ତୈଳିକ ବୈଶ୍ୟ ସମାଜର ଶିଶୁ ମାନଙ୍କ ଶିକ୍ଷା, ଜିଲ୍ଲାରେ ଥିବା ତୈଳିକ ମାନଙ୍କୁ ଓ ପରିବାର ସଦସ୍ୟ ମାନଙ୍କୁ ଚିହ୍ନଟ କରାଯିବା ସହ ଜିଲ୍ଲା କମିଟି ର ଆର୍ଥିକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ସଭାରେ ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ସାହୁ ବିବରଣି ପାଠ କରିଥିବା ବେଳେ ,ଜିଲ୍ଲା କୋଷାଧକ୍ଷ ହରିହର ସାହୁ ,ଉପଦେଷ୍ଟା ହଜାରୁ ସାହୁ ,ଚୈଳେଶ୍ୱର ସାହୁ ,ଡଗରା ସାହୁ, ଉପସଭାପତି ସନ୍ତୋଷ ସାହୁ,ମହାଦେବ ସାହୁ,ଦୟାନିଧି ସାହୁ,ଜିଲ୍ଲା ତୈଳିକ ସମାଜର ମିଡିଆ ପ୍ରଭାରୀ ସୁଶାନ୍ତ ସାହୁ,ସତ୍ୟନାରାୟଣ ସାହୁ,ଦୁଖିଶ୍ୟାମ ସାହୁ,ଅଷ୍ଟମ ସାହୁ, ସିଦ୍ଧେଶ୍ୱର ସାହୁ,ସୁଶାନ୍ତ ସାହୁ,ନିଳମଣି ସାହୁ, ସନ୍ତୋଷ ସାହୁ,ଭଳଭଦ୍ର ସାହୁ,ମାଗିରାମ ସାହୁ,ଅର୍ଜୁନ ସାହୁ,ସୁରୁବାବୁ ସାହୁ,ଜଳେନ୍ଦ ସାହୁ,ସହାବିର ସାହୁ,ଧନଞ୍ଜୟ ସାହୁ,ପ୍ରଫୁଲ୍ଲ ସାହୁ,ରୁଦ୍ରାକ୍ଷ ସାହୁ,ପୁରୋନ୍ଦ୍ର ସାହୁ ,ଦିଲିପ ସାହୁ,ସୁମନ୍ତ ସାହୁ ଙ୍କ ସହ ଜିଲ୍ଲାର ସମସ୍ତ କର୍ମୀ ଉପସ୍ଥିତ ଥିଲେ।

# ବିଜୁ ଶ୍ରମିକ ସାମୁଖ୍ୟ ସମାବେଶରେ ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷଙ୍କ ଯୋଗଦାନ



**ପାରାଦୀପ :** ବିଜୁ ଶ୍ରମିକ ସାମୁଖ୍ୟର ବିଶାଳ ସମାବେଶ ସ୍ଥାନୀୟ ଅଏଲ ରିଫାଇନାରିର ନିକଟସ୍ଥ ଅୟଭଚାନ୍ଦାପୁର ଥାନାପାଖ ପଦର୍ଶନି ପଡିଆରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବିଶାଳ ସମାବେଶରେ ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସଭାପତି ସୁବାସ ସିଂହ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ମନ୍ତ୍ରୀ ପ୍ରତାପ ଜେନା, ଅନ୍ୟତମ ଅତିଥି ଉସାଦେବୀ, ବିଧାୟକ (ମହାକାଳପଡା) ଅତନୁ ସବ୍ୟସଚୀ ନାୟକ, ବିଧାୟକ (ବାଲିକୁଦା ଏରସମା) ପ୍ରସାନ୍ତ ମୁଦୁଲି, ବିଧାୟକ (ବାରବାଟି କଟକ) ଦେବାଶୀଶ ସାମନ୍ତରାୟ, ସାଂସଦ କୁଳମଣି ସାମଲ, ବିଜେଡି ପାରାଦୀପ ନଗର ସଭାପତି ସୁମନ୍ତ ବିଶ୍ୱାଳ , ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ ସମେତ ରାଜ୍ୟ ତଥା ତିନିଗୋଟି ଜିଲ୍ଲା କଟକ, କେନ୍ଦ୍ରପଡା ଓ ଜଗତସିଂହପୁର ଜିଲ୍ଲାର ବହୁ ମାନ୍ୟଗନ୍ୟ ଶ୍ରମିକ ନେତା ଯୋଗଦାନ କରି ବିଜୁ ଶ୍ରମିକ ସାମୁଖ୍ୟ କାର୍ଯ୍ୟଧାରା ସମ୍ବନ୍ଧରେ ବର୍ଣ୍ଣନା କରିବା ସହିତ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାକୁ ଆଗେଇନେବାପାଇଁ ଆହ୍ୱାନ କରିଥିଲେ। ଏହି ସମାବେଶରେ ପୂର୍ବରୁ ବିଜୁ ଶ୍ରମିକ ସାମୁଖ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣୀତ ହୋଇ ପାରାଦୀପ ଅଞ୍ଚଳର ଅଗ୍ରଣୀ ଶ୍ରମିକ ସଂଗଠନ ପୂର୍ବଭାରତ ତୈଳ ବିଶୋଧନାଗାର ଓ ୮ଗୋଟି ସଂଗଠନର ସଭାପତି ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ହଜାର ହଜାର ଶ୍ରମିକଙ୍କ ସହିତ ଜିରୋପଏଣ୍ଟ ଠାରୁ ଏକ ବିଶାଳ ରାଲିରେ ଯାଇ ଏହି ସମାବେଶରେ ଯୋଗଦାନ କରିଥିଲେ । ଏଠାରେ ପ୍ରକାଶଥାଉକି ଶ୍ରୀଯୁକ୍ତ ପଟ୍ଟନାୟକ ସଂଗଠନ ମାଧ୍ୟମରେ ଶ୍ରମିକ ସମସ୍ୟା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୀବନ ବିନ୍ଦୁ ଓ ବିଭିନ୍ନ ଜନାଭି ମୁଖ୍ୟ କାର୍ଯ୍ୟରେ ଯୋଗ ଦାନ କରି ରାଜ୍ୟ ଏବଂ ଜିଲ୍ଲାରେ ସଫଳ ମଣ୍ଡିତ ହୋଇଛନ୍ତି । ଆଜିର ଏହି ମିଶ୍ରଣ ପର୍ବରେ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଯୋଗଦାନ ବିଜୁ ଶ୍ରମିକ ସାମୁଖ୍ୟ ସମାବେଶକୁ ସଫଳ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି ।


## AFFIDAVIT

By virtue of an affidavit before the Executive Magistrate, Bhawanipatna on 18.12.2018 I, Madhusmita Raut, aged about 35 years, W/o- Late Manoj Kumar Raut, resident of Nuapada, Near Radhakrishna Temple, Po/PS-Bhawanipatna Town, Dist-Kalahandi, Odisha do hereby solemnly affirm and state on oath as follows :- That, my husband Manoj Kumar Raut S/o - Bhagaban Raut was expired on 28.10.2018. That, my orginal name is Madhusmita Raut W/o - Manoj Kumar Raut but my name was entered as Rupanjali Raut W/o-Manoj Kumar Raut in same documents alongwith the form of LIC bearing policy No. 573772279 in which the nominee is Lipsa Raut and her date of birth 14.03.2005 and the same of our 2nd daughter is Manisha Raut and her date of birth is 25.09.2018. That, I swear this affidavit to file before Branch Manager, LIC of India, Bhawanipatna Branch for necessary correction in my document and enabled me to get the LIC/other financial benefits of my husband by submitting necessary legal heir certificate.

**Madhusmita Raut**
**DEPONENT**

ପର୍ଯ୍ୟଟନ

# ୱାଟର ସ୍କୁଟର ଉପରୁ ବିସ୍ମୟ ଭରେ ବେଳାଭୂମିର ଦୃଶ୍ୟ

ଆପଣଙ୍କର ମନେ ଥିବ ଯେ, ଗୋଆର କଲିଙ୍ଗ୍‌ଗୁଟ୍ ବିଚ୍‌ରେ ପାରାସେଲିଙ୍ଗ୍ କରିବା ପରେ ଆମେ ବାହାରିଲୁ ଏହି ବିଚ୍ ପାଖାପାଖି ବିଭିନ୍ନ ସ୍ଥାନ ବୁଲିବା ପାଇଁ। ପ୍ରକୃତରେ କଲିଙ୍ଗୁଟ୍ ବିଚ୍ ହେଉଛି ସବୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଉତ୍ତମ ସ୍ଥାନ। ବେଳାଭୂମିକୁ ଲାଗି ଅନେକ ଗୁଡିଏ ରେଷ୍ଟୁରାଣ୍ଟ ଏବଂ ବାର୍ ରହିଛି। ବିଶେଷ କରି ରାତିରେ ଏଗୁଡିକ ଖୁବ୍ ଚଳଚଞ୍ଚଳ ହୋଇ ଉଠେ। ଆଉ ସବୁଠାରୁ ବଡ କଥା ହେଲା ଏଠାରେ ବିଭିନ୍ନ ପ୍ରକାରର ସି-ଫୁଡ୍ ପର୍ଯ୍ୟଟକମାନେ ଖାଇବାକୁ ବେଶୀ ପସନ୍ଦ କରିଥାନ୍ତି। ଆମେ କିଛି ସମୟ ସମୁଦ୍ର କୂଳରେ ବୁଲିବା ପରେ ବାହାରିଥିଲୁ ଗୋଆର ଆଉ ଏକ ଫେମସ୍ ବିଚ୍ ବାଗା ବିଚ୍ ବୁଲିବା ପାଇଁ। ଯାହା ଉତ୍ତର ଗୋଆରେ ହିଁ ଅବସ୍ଥିତ। ଆଉ ଏହି ବାଗା ବିଚ୍‌ଟି କଲିଙ୍ଗୁଟ୍ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ। ତେବେ ଆମେ ଗାଡି ଚାଳକ ଆମକୁ ଏହି ଦୂରତା ସମ୍ପର୍କରେ ସୂଚନା ଦେବା ପରେ ଆମେ ସ୍ଥିର କଲୁ ଯେ, ଗାଡିରେ ନ ଯାଇ ଚାଲି ଚାଲି ବଗା ବିଚ୍‌କୁ ଯିବା। ତା'ପରେ ଆମେ ବାହାରିଲୁ। ବାଗା ବିଚ୍ ଯିବା ରାସ୍ତାରେ ଅନେକ ଛୋଟ ଛୋଟ ଦୋକାନ ମୋର ଦୃଷ୍ଟିକୁ ଆସିଲା। ଭାରତର ପାରମ୍ପରିକ ବସ୍ତ୍ର ଦୋକାନ ଠାରୁ ଆରମ୍ଭ କରି ଇଣ୍ଟରନେଟ୍ କାଫେ, ପୁଣି ସୁଆଦିଆ ଖାଦ୍ୟର ପସରା। ଅନେକ ବିଦେଶୀ ପର୍ଯ୍ୟଟକ ମଧ୍ୟ ଏଠାରେ ଭିଡ ଜମାଇଥିବାର ଦେଖିବାକୁ ପାଇଲି। ସେଠାରେ ବାର୍ ଏବଂ ରେଷ୍ଟୁରାଣ୍ଟ ମଧ୍ୟ ରାସ୍ତାରେ ରହିଥିଲା। ଏପରି ଦୃଶ୍ୟ ଦେଖିବା ପରେ ମୋର ମନକୁ ଗୋଟିଏ କଥା ନିହାତି ଆସିଲା କି ଅତିଥି ମାନଙ୍କୁ ସବୁ ପ୍ରକାରର ଅନୁଭୂତି ଦେଉଥିବାରୁ ଗୋଆ ଆଜି ପର୍ଯ୍ୟଟକ ମାନଙ୍କର ପସନ୍ଦିତ ସ୍ଥାନ ପାଲଟି ଯାଇଛି। ଅନେକ ସଂଖ୍ୟାରେ ବିଦେଶୀ ଏବଂ ଦେଶୀ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ନିଜ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ସହ ପର୍ଯ୍ୟଟକମାନଙ୍କୁ ରୋମାଞ୍ଚକର ଅନୁଭୂତି ବାଣ୍ଟି ପାରୁଛି ଗୋଆ। ଏହାରି ଭିତରେ ଆମେ ପହଞ୍ଚି ଯାଇଥିଲୁ ବାଗା ବିଚ୍ ପାଖରେ ଚାଲି ଚାଲି ଆସିଥିଲେ ମଧ୍ୟ କାହାକୁ ବି ହାଲିଆ ଲାଗୁ ନଥିଲା।





ଏହା ଭିତରେ କିନ୍ତୁ ମୋର ଅଜାଣତରେ ଗାଡି ଚାଳକ ଏବଂ ମୋର ବନ୍ଧୁ ଗୋଟିଏ ଯୋଜନା ପାଞ୍ଚି ସାରିଥିଲେ। ଆମେ ବାଗା ବିଚ୍‌ରେ ପହଞ୍ଚିବା ବେଳକୁ ପ୍ରାୟ ସୂର୍ଯ୍ୟାସ୍ତ ହେବାର ସମୟ ହୋଇ ସାରିଥିଲା। ଓଃ ବାଗା ବିଚ୍‌ରେ କି ଚମତ୍କାର ଦୃଶ୍ୟ ଥିଲା ଅସ୍ତଗାମୀ ସୂର୍ଯ୍ୟଙ୍କର ଅରୁଣିମା ସମୁଦ୍ରର ଜଳରାଶି ଉପରେ ବିଛେଇ ହୋଇ ପଡିଥିଲା। ଅନେକ ପର୍ଯ୍ୟଟକ ଏଠାରେ ସମୁଦ୍ରରେ ସ୍ନାନ କରୁଥିଲେ। ସମୁଦ୍ରକୂଳରେ ଲାଇଫ୍ ଗାର୍ଡମାନେ ସଜାଗ ହୋଇ ରହିଥିଲେ। ଗାଡି ଚାଳକ ତଥା ଗାଇଡ୍ ମୋତେ ଏହି ବାଗା ବିଚ୍‌ରେ ୱାଟର ସ୍ପୋର୍ଟ୍ସର ମଜା ନେବା ପାଇଁ କହିଲେ। ମୁଁ ତ' ପାରା ସେଲିଂ କରିସାରିଥିଲି ଆଉ କ'ଣ କରିହେବ ଚିନ୍ତା କରି ପହଞ୍ଚିଲି ସମୁଦ୍ରକୂଳ ନିକଟରେ ମୋ ଗାଇଡ୍ ମୋତେ ସୂଚନା ଦେଲେ ଯେ, ସେ ମୋ ପାଇଁ ୱାଟର ସ୍କୁଟର ପ୍ରସ୍ତୁତ ରଖିଛନ୍ତି ସେଥିରେ କିଛି ସମୟ ସମୁଦ୍ରରେ ବୁଲିବା ପାଇଁ। ମୋତେ ପ୍ରସ୍ତାବ ବି ମନ୍ଦ ଲାଗିନଥିଲା। ମୁଁ ରାଜି ହେଲି ମୋର ସର୍ତ୍ତ ଥିଲା ମୋ ସହ ଜଣେ ସ୍କୁଟର ଡ୍ରାଇଭର କିମ୍ବା ଲାଇଫ୍ ଗାର୍ଡ ଯିବେ ସେ ତା' ପରେ ତାଙ୍କର ଜଣେ ଡ୍ରାଇଭର ବନ୍ଧୁଙ୍କୁ ଯୋଗାଡ କଲେ ଏବଂ ସେ ମୋ ସହ ଯିବା ପାଇଁ ରାଜି ହେଲେ। ତା'ପରେ ଆରମ୍ଭ ହେଲା ୱାଟର ସ୍କୁଟରରେ ମୋର ଜଳଯାତ୍ରା। ମୋର ବିଲୁକୁଲ୍ ଧାରଣା ନଥିଲା ଯେ ଏହି ସ୍କୁଟଣ ପାଣି ଭିତରେ ଏତେ ସ୍ପିଡ୍‌ରେ ଯାଏ ବୋଲି। ହଠାତ୍ ଯେତେବେଳେ ସେ ଆକ୍ସିଲେଟର ମୋଡିଛନ୍ତି ସ୍କୁଟରଟି ପୂରା ବେଗରେ ଗତି କଲା। ମୋର ଛାତି ଭିତରେ ପୂରା ଧଡଧଡ ହେବାକୁ ଲାଗିଲା। ମାନେ ଭୟରେ ମୋର ଅବସ୍ଥା ଖରାପ। ମୁଁ ତାଙ୍କୁ ଅନୁରୋଧ କଲି ଟିକେ ଧିରେ ଧିରେ ଚଲାଇବା ପାଇଁ। ସେ ବୋଧେ ମୋର ସ୍ଥିତି ବୁଝି ପାରିଲେ। ତା'ପରେ ସେ ୱାଟର ସ୍କୁଟରର ଗତି କମାଇ ଧିରେ ଧିରେ ଚଲାଇଲେ। ୱାଟର ସ୍କୁଟର ଉପରେ ବସି ସମୁଦ୍ର ଭିତରେ ସୂର୍ଯ୍ୟାସ୍ତର ଦୃଶ୍ୟକୁ ଉପଭୋଗ କରିବା ସତରେ ଅବର୍ଣ୍ଣନୀୟ। ମୁଁ କବି ନ ହୋଇଥିଲେ ମଧ୍ୟ କାହିଁକି କେଜାଣି ସେ ସମୟରେ ମୋତେ କବିତା ଦୁଇଧାଡି ଲେଖିବାକୁ ଇଚ୍ଛା ହେଲା। ହେଲେ ଲେଖିବାର କୌଣସି ସାଧନ ମୋ ପାଖରେ ନଥିଲା। ତେବେ ମୋର ଅନୁରୋଧରେ ମୋ ସ୍କୁଟର ଡ୍ରାଇଭର ପ୍ରାୟ ୧୫ ମିନିଟ୍ ପାଖାପାଖି ସ୍ଥିର ଜଳରାଶିରେ ସ୍କୁଟରକୁ ରଖିଥିଲେ। ସୂର୍ଯ୍ୟ ସମ୍ପୂର୍ଣ୍ଣ ଅସ୍ତ ହେବା ପରେ ସେ ମୋତେ ପୁଣି ୱାଟର ସ୍କୁଟରରେ କୂଳକୁ ଫେରାଇ ଆସିଲେ। ମୁଁ ତାଙ୍କୁ ଧନ୍ୟବାଦ ଜଣାଇ ଫେରିଲି। ହେଲେ ମୁଁ କୂଳରେ ପହଞ୍ଚିବା ବେଳକୁ ମୋ ବନ୍ଧୁ ଏବଂ ମୋ ଡ୍ରାଇଭର ତଥା ଗାଇଡ୍ କେହିବି କୂଳରେ ନଥିଲେ। ମୁଁ କିଛି ସମୟ ଖୋଜାଖୋଜି ପରେ ବନ୍ଧୁଙ୍କୁ ଫୋନ୍ ଲଗାଇଲି ହେଲେ ତାଙ୍କ ମୋବାଇଲ୍ ରିଙ୍ଗ୍ ହେଉଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କଲେ ନାହିଁ। ଡ୍ରାଇଭର ତଥା ଗାଇଡ୍‌ଙ୍କ ଫୋନ୍ ଆଉଟ୍ ଅଫ୍ ରିଚ୍ ଥିଲା। ମୁଁ ଅନେକ ସନ୍ଦେହ ଭିତରେ ରହିଲି ଯେ ଏମାନେ ଗଲେ କୁଆଡେ?

କ୍ରମଶଃ...



ଆସ ବୁଲିଯିବା





ଉପସ୍ଥାପନା
ଜାହ୍ନବୀସୁତ

# ଭାଜପା ସରକାର ହିନ୍ଦୁ ବିରୋଧି : ପ୍ରବୀଣ ତୋଗଡିଆ

**ସୁବର୍ଣ୍ଣପୁର :** ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡଃ ପ୍ରବୀଣ ଭାଇ ତୋଗଡିଆ ସୁବର୍ଣ୍ଣପୁର ଜିଲ୍ଲାକୁ ଆସି ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ସ୍ଥାନୀୟ ଟାଉନହଲଠାରେ ଆୟୋଜିତ ସଭାରେ ସେ ଉଦବୋଧନ ସହ ଆଗାମୀ ଦିନରେ ହିନ୍ଦୁ ସରକାର ଗଢିବାକୁ ସେ ପ୍ରତିସୃତି ଦେଇଥିଲେ। ଭାରତ ଏକ ହିନ୍ଦୁ ବହୁଳ ରାଷ୍ଟ୍ର ହୋଇଥିଲେ ହେଁ ବର୍ତମାନ ପର୍ଯ୍ୟନ୍ତ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା ହୋଇପାରିନାହିଁ। ହିନ୍ଦୁ ମାନଙ୍କ ଦେବାଦେବୀ ଆଜି ଅସୁରକ୍ଷିତ। ବିଭିନ୍ନ ସମୟରେ ହିନ୍ଦୁମାନଙ୍କ ଭାବାବେଗ ସହିତ ଖେଳୁଛନ୍ତି କେନ୍ଦ୍ର ସରକାର। ହିନ୍ଦୁତ୍ୱକୁ ଦ୍ୱାହି ଦେଇ ଭୋଟ ଜିତି ସାରିବା ପରେ ସଂଖ୍ୟାଲଘୁ ତୁଷ୍ଟିକରଣ ନିତୀରେ ରେ ହିନ୍ଦୁମାନଙ୍କୁ ଅପମାନିତ କରାଯାଉଛି ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଏହି ସବୁ ସମସ୍ୟାର ସମାଧାନ ପାଇଁ ଆମେ ସବୁ ହିନ୍ଦୁମାନେ ଏକଜୁଟ ହେବାର ଆବଶ୍ୟକ ଅଛି ବୋଲି ଆହ୍ୱାନ କରିଛନ୍ତି। ଶ୍ରୀରାମଙ୍କ ଜନ୍ମ ଭୁମିରେ ମନ୍ଦିର ନିର୍ମାଣ ପାଇଁ ସରକାର ଫେଲ ମାରିଥିବାବେଳେ ସମସ୍ତ ହିନ୍ଦୁ ସମାଜ ଏଥିରେ ସହେଯାଗ କରିବାକୁ ଆହ୍ୱାନ କରିଛନ୍ତି। ମୋଦୀ ସରକାର ହିନ୍ଦୁମାନଙ୍କ ପ୍ରତି ବିସ୍ୱାସଘାତ କରିଛି ବୋଲି ସେ କହିଛନ୍ତି। କୃଷକମାନଙ୍କ ପ୍ରତି ଅନ୍ୟାୟ ହୋଇଥିବାବେଳେ ଦେଶରେ ଗୋହତ୍ୟା ଓ ବାଂଗଲାଦେଶୀଙ୍କ ପ୍ରବେଶ ବଢିବାରେ ଲାଗିଥିବା ସେ କହିଛନ୍ତି। ଏସବୁକୁ ସରକାର ରୋକିବାରେ ବିଁାଫଳ ହୋଇଥିବାବେ ସୁଚନା ଦେଇଛନ୍ତି। ଉଭୟ କଂଗ୍ରେସ ଭାଜପା ସରକାର ହିନ୍ଦୁ ବିରୋଧି ବୋଲି ମତ ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଆମ ଦଳ ହିନ୍ଦୁ ସରକାର କରିବ ବୋଲି ମତ ଦେଇଛନ୍ତି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସନ୍ଥ ଶ୍ରୀ ମାଧବ ଚେତନ ଜୀ ମହାରାଜ. ଓଡିଶା ପୁର୍ବପାନ୍ତ ସଭାପତି ଅରୁଣ ଉପାଧ୍ୟାୟ,ପଶ୍ଚିମପ୍ରାନ୍ତ ସଭାପତି ସଞ୍ଜୟ କୁମାର ସାହୁ,ଅନ୍ତଃରଷ୍ଟ୍ରୀୟ ବଜରଙ୍ଗ ଦଳର ସଭାପତି ମନୋଜ ସାହୁ,ସମାଜସେବୀ ଶ୍ରୀବସ୍ତ ମଲ୍ଲିକ,ଚରଣ ନାଏକ,ତିର୍ଥବାସୀ ପଣ୍ଡା ପ୍ରମୁଖ ମଂଚାସୀନ ଥିଲେ। ସଭାକୁ ହେମନ୍ତ ମେହେର ସଂଚାଳନ କରିଥିଲେ। ଶ୍ରୀ ତୋଗାଡିଆଙ୍କୁ ଭବ୍ୟ ସ୍ୱାଗତ କରାଯାଇ ତେଲନଦୀ ସେତୁଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ସମୟରେ ବିଭିନ୍ନ ଛକମାନଙ୍କରେ ତାଙ୍କୁ କଳସ ବସାଇ ସ୍ୱାଗତ କରାଯାଇଥିଲା। ପରେ କୋଶଳ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।



# ସ୍କାଉଟ୍ ଗାଇଡ୍ ମହାସମାବେଶ

**ଖୋର୍ଦ୍ଧା :** ଖୋର୍ଦ୍ଧା ଜିଲ୍ଲା ବରୁଣେଇ ପୀଠ ନିକଟବର୍ତ୍ତୀ ଓଡ଼ିଶା ରାଜ୍ୟ ସ୍କାଉଟ୍ ଗାଇଡ୍ ସଂଗଠନର ଦ୍ୱିତୀୟ ଜନଜାତି ଓ ସପ୍ତଦଶ ସ୍କାଉଟ୍ ଗାଇଡ୍ ମହାସମାବେଶ ତା.୨୭.୧୨.୨୦୧୮ରିଖ ୧୭ଗୋଟି ତୋପ ଫୁଟାଯାଇ ଉଦ୍‌ଘାଟିତ ହୋଇଅଛି। ଅର୍ଥମନ୍ତ୍ରୀ ତଥା ସ୍କାଉଟ୍ ଗାଉଡ୍ ସଂଗଠନର ଉପସଭାପତି ଶଶୀଭୂଷଣ ବେହେରା ଏବଂ ଜାତୀୟ ସ୍କାଉଟ କମିଶନର ଏମ.ଏ.ଖଲିଦ୍ ଅପରାହ୍ନ ୪ ଘଟିକା ସମୟରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ସମାବେଶକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ସମ୍ମାନୀତ ଅତିଥିଭାବେ ରାଜ୍ୟ ସଂଗଠନର ଉପସଭାପତି ଅବସର ପ୍ରାପ୍ତ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ରାଜ୍ୟ ସ୍କାଉଟ କମିଶନର ଶ୍ରୀ ଧୃବଚରଣ ପରିଡ଼ା ଏବଂ ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା ଯୋଗଦାନ କରିଥିଲେ। ପ୍ରାରମ୍ଭରେ ବ୍ୟାଣ୍ଡ ବାଜା ଏବଂ ପାରମ୍ପରିକ କଲର ପାର୍ଟି ମାଧମରେ ଅତିଥିମାନଙ୍କୁ ସ୍କାଉଟ ଗାଇଡ୍‌ମାନେ ପାଛୋଟି ନେଇଥିଲେ। ପତାକା ଉତ୍ତୋଳନ ପରେ ୨୮ ଜିଲ୍ଲା ଏବଂ ୮ଟି ମଣ୍ଡଳ ଜନଜାତି ବିଭାଗର ସ୍କାଉଟ ଓ ଗାଇଡ୍‌ମାନଙ୍କର ୩୬ଟି ପ୍ଲାଟୁନ୍‌ର ଚିତ୍ତାକର୍ଷକ ମାର୍ଚ୍ଚପାଷ୍ଟ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ଅଭିବାଦନ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ମୁଖ୍ୟକମିଶନର ଶ୍ରୀ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ଅତିଥିମାନଙ୍କୁ ମହାସମାବେଶର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ଅବଗତ କରାଇବା ପରେ ସମାବେଶର ଥିମ୍ 'ଏକଭାରତ ଶ୍ରେଷ୍ଠ ଭାରତ' ଜନିତ ଲୋଗୋ ଉନ୍ମୋଚିତ ହୋଇ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ପରିବେଷିତ ସଂହତି ନୃତ୍ୟ, ସଂଗୀତ ଏବଂ ସ୍ଲୋଗାନ ଦ୍ୱାରା ସମଗ୍ର ପରିବେଶ ମୁଖରିତ ହୋଇଥିଲା। ଓଡ଼ିଶା ରାଜ୍ୟ ସଂଗଠନ ଦ୍ୱାରା ଆୟୋଜିତ ସ୍କାଉଟ ଓ ଗାଇଡ୍‌ମାନଙ୍କର ଏହି ବିଶାଳ ସମାବେଶ ଅତିଥିମାନଙ୍କୁ ଅଭିଭୂତ କରିଥିଲା। ଶିବିରାର୍ଥୀମାନଙ୍କୁ ଉଦ୍‌ବୋଧନ ଛଳରେ ଦେଶର ଐକ୍ୟ ଏବଂ ସଂହତି ରକ୍ଷା ଦିଗରେ ଏ ସମାବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଭଲ ନାଗରିକ ଭାବେ ଗଢି ତୋଳିବାରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିବା ପୂର୍ବକ ନିଜ ନିଜ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ଏହା ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ଆଶାବ୍ୟକ୍ତ କରିଥିଲେ। ପରିଶେଷରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା। ଉକ୍ତ ମହାସମାବେଶରେ ୩୦୦୦ ରୁ ଉର୍ଦ୍ଧ୍ୱ ସ୍କାଉଟ ଗାଇଡ଼ ଅଂଶଗ୍ରହଣ କରିଛନ୍ତି।



କୁପାରୀ ଶାରିଶୁଆ ପାହାଡରେ ଖଣି ମାଫିଆଙ୍କ ରାଜ୍

# ପଦ୍ମଲୋଚନଙ୍କ ଦାବି ମାନିଲା ପ୍ରଶାସନ



**ଖଇରା,(କୈଳାସ ବେହେରା) :** ଖଇରା ତହସିଲ ଅଧୀନ ଶାରିଶୂଆ ପାହାଡରେ ଖଣି ଖନନ ଯୋଗୁଁ ଅତିଷ୍ଠ ହୋଇପଡିଥିବା ଗ୍ରାମବାସୀ ଖଣିଖୋଳା ବନ୍ଦ କରିବାକୁ ବିଭିନ୍ନ ପ୍ରଶାସନକୁ ଜଣାଇ ଆସୁଥିଲେ। ଏହି ଖଣି ଖୋଳା ସମୟରେ ମ୍ୟାସିନ ସାହାର୍ଯ୍ୟରେ ହେଉଥିବା ବ୍ଲାଷ୍ଟିଂ ଯୋଗୁଁ ବିଷାକ୍ତ ପଥର ଖଣ୍ଡ ବିଖଣ୍ଡିତ ହୋଇ ଗ୍ରାମରେ ଥିବା ଏକ ମାତ୍ର ପୋଖରୀରେ ପଡିବା ଫଳରେ ପୋଖରୀରେ ଥିବା ମାଛମାନେ ମରିଯାଉଛନ୍ତି ଏବଂ ପୋଖରୀ ଜଳ ବ୍ୟବହାର ଅନୁପଯୋଗୀ ହୋଇଯାଉଛି। ଏହା ସହିତ ଗ୍ରାମରେ ଥିବା ଗ୍ରାମଦେବତୀଙ୍କ ମନ୍ଦିରକୁ ଆସୁଥିବା ଭକ୍ତ ମାନେ ପୂଜା କରିବା ସମୟରେ ମ୍ୟାସିନ ବ୍ୟବହାର କରି ବ୍ଲାଷ୍ଟିଂ କରିବା ଫଳରେ ଭକ୍ତ ମାନଙ୍କ ମନରେ ଭୟ ସଂଚାର ହେବାସହିତ ପୂଜାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ସହିତ ଖଣି ମାଲିକ ମାନେ ମ୍ୟାସିନ ସାହାର୍ଯ୍ୟରେ ଖଣିକାର୍ଯ୍ୟ କରୁଥିବାରୁ ଆଖ ପାଖରେ ଥିବା ଶ୍ରମିକମାନେ ନିୟମିତ କାମ ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀ ମାନେ ଆତଙ୍କିତ ହୋଇ ପହାଡାକୁ ଯାତାୟତା କରୁଥିବା ଭାରିଯାନକୁ ମଧ୍ୟ ମଝିରେ ମଝିରେ ବନ୍ଦ କରିବାକୁ ବାଧ୍ୟ ହେଉଥିଲେ।ଏହି ସବୁର ସମାଧାନ ପାଇଁ ଭାଜପାର ବରିଷ୍ଠ ନେତ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ଅନୁରୋଧକ୍ରମେ ଉପଜିଲ୍ଲାପାଳ ନିଲୁ ମହାପାତ୍ର, ତହସିଲଦାର ପ୍ରଦୀପକୁମାର ସାହୁ, କୁପାରୀ ରାଜସ୍ୱ ନିରିକ୍ଷକ ଗ୍ରାମକୁ ଯାଇ ଗ୍ରାମବାସୀ ସୁଦର୍ଶନ ମହାପାତ୍ର, ଆନନ୍ଦ ବଲ୍ଲବ ନାୟକ, ମନୋରଞ୍ଜନ ସ୍ୱାଇଁ, ସାବିତ୍ରୀ ନାଇକ, ୱାର୍ଡ ସଭ୍ୟ ପିତାମ୍ବର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ଓ ଭାଜପାନେତା ପଦ୍ମଲୋଚନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଗ୍ରାମବାସୀମାନେ ଖଣିରେ ବ୍ଲାଷ୍ଟିଂ ବନ୍ଦ, ଗ୍ରାମଦେବତୀଙ୍କ ମନ୍ଦିରକୁ ପୁନର୍ନିର୍ମାଣ ପାଇଁ ଦାବି କରିଥିଲେ। ଖଣି ବିଧିବଦ୍ଧ ଭାବେ ନିଲାମ ହୋଇଥିବାରୁ ଆଉ ବନ୍ଦ କରାଯାଇପାରିବ ନାହିଁ। ହେଲେ ଖଣିରେ ୱାଗନ ମ୍ୟାସିନ ବନ୍ଦ କରିବା, ବ୍ଲାଷ୍ଟିଂକୁ ନିୟନ୍ତ୍ରଣ ମଧ୍ୟରେ ରଖିବା, ଗ୍ରାମଦେବତୀ ମନ୍ଦିର ଚତୁପାର୍ଶ୍ୱରେ ପାଚେରୀ ନିର୍ମାଣ ପାଇଁ ପ୍ରତିଶୃତି ଦେଇଥିଲେ। ଏହା ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଲିଖିତଭାବେ ରିଜୋଲ୍ୟୁସନ ମାଧ୍ୟମରେ ଜଣାଇବାକୁ ଗ୍ରାମବାସୀଙ୍କୁ ପ୍ରସ୍ତାବ ଦେଇଥିଲେ। ପଦ୍ମଲୋଚନ ପଣ୍ଡାଙ୍କ ଏଭଳି ପଦକ୍ଷେପକୁ ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶଂସା କରିବା ସହିତ ଏଭଳି ଜନହିତ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଛନ୍ତି।





# ବିଜେଇଏମ ବାର୍ଷିକୋତ୍ସବ : ପଲ୍‌ସାସିଓ, ଡ୍ରିମ୍‌ସ୍କେପ-୨୦୧୮



**ଭୁବନେଶ୍ୱର :** ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ (ବିଜେଇଏମ୍‌ଏସ୍)ର ତ୍ରୟୋଦଶ ବାର୍ଷିକ ଉତ୍ସବ 'ପଲ୍‌ସାସିଓ-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜାତି ଓ ଜନଜାତି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଖିଳ ବିହାରୀ ଓତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ସମସ୍ତଙ୍କୁ ମେଧାବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ସ୍କୁଲ ଓ ଗଣଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର। ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିଲେ ବିଦ୍ୟାଳୟର ପରିଚାଳକ ପ୍ରତାପ ଜେନା। ବିଜେଇଏମ୍‌ଏସ୍-୨ର ଅଧ୍ୟକ୍ଷା କ୍ଷଣିକା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ଦ୍ୱାଦଶର ଶ୍ରେଷ୍ଠ ଛାତ୍ରୀ ମନୀଷା ମନସ୍ୱିନୀ ମହାପାତ୍ର (୧୦ମ) ଓ ଦଶମର ଶ୍ରେଷ୍ଠ ଛାତ୍ରୀ ଭାବେ ପ୍ରତୀକ୍ଷା ବଡ଼ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ନବମ ଶ୍ରେଣୀ ଛାତ୍ରୀ ଶିବାନୀ ସତରୂପାଙ୍କୁ 'ବିଜେଇଏମ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଷ୍ଟମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ସାହୁଙ୍କୁ ଷ୍ଟାର୍ ପରଫର୍ମର ଓ ଶୈଳବାଳା ଯୋଗେନ୍ଦ୍ର ମେମୋରିଆଲ ପକ୍ଷରୁ ଇନୋଭେଟିଭ୍ ଆଇଡିଆ ଆଣ୍ଡ ଆଚିଭ୍‌ମେଣ୍ଟ ପୁରସ୍କାର



ଏକାଦଶ ଶ୍ରେଣୀର ଛାତ୍ର ସାଇଗୋପାଳ ଆଚାର୍ଯ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଶିକ୍ଷାନୁଷ୍ଠାନର ସଭାପତି ରଘୁନାଥ ମିଶ୍ର, ଉପସଭାପତି ଡ. ଅଶ୍ୱିନୀ ତିୱାରି, ସହ ପରିଚାଳକ ଚିତ୍ତରଞ୍ଜନ ବରିସଲ, ଉପାଧ୍ୟକ୍ଷ ସର୍ବେଶ୍ୱର ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରିଶେଷରେ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ବିଜେଇଏମ୍ ମେନ୍ କ୍ୟାମ୍ପସରେ ବାର୍ଷିକ ଉତ୍ସବ 'ଡ୍ରିମ୍‌ସ୍କେପ୍-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର କେ. ଶାନ୍ତି। ପରିଚାଳନା କମିଟିର ମ୍ୟାନେଜର ପ୍ରତାପ କୁମାର ଜେନା ସ୍ୱାଗତ ଅଭିଭାଷଣ ଦେବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦକ୍ଷତାକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପଦ୍ମଶ୍ରୀ ଡକ୍ଟର ସୁବ୍ରତ କୁମାର ଆଚାର୍ଯ୍ୟ। ଅଧ୍ୟକ୍ଷା ସନ୍ଧ୍ୟା ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ରଘୁନାଥ ମିଶ୍ର, ପରିଚାଳନା କମିଟିର ଆଡ଼ିସିନାଲ ମ୍ୟାନେଜର ଚିତ୍ତରଞ୍ଜନ ବୈରିଶାଳ



ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

# ସକାରାତ୍ମକ ମନୋଭାବ ସହ ସ୍ୱଧର୍ମ ପାଳନ କର : ରାଜ୍ୟପାଳ



**ଭୁବନେଶ୍ୱର :** ଶିକ୍ଷା କେବେ ଶେଷ ହୁଏ ନାହିଁ। ଏହା ଜୀବନବ୍ୟାପୀ ଚାଲିଥାଏ। ଏହା ହିଁ ବ୍ୟକ୍ତିକୁ ଉଚ୍ଚତର ସ୍ତରକୁ ନେଇଥାଏ। ଉତ୍ତରଣ ମାନବ ସଭ୍ୟତାର ଲକ୍ଷଣ ଓ ଧର୍ମ। ସକାରାତ୍ମକ ମନୋଭାବ ନେଇ ସ୍ୱଧର୍ମ ପାଳନ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରର ମଳିପଡ଼ାସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଅନନ୍ତ ସଂଭାବନାର ଧାରକ। ତାର ବିକାଶ ଓ ଅଭିବୃଦ୍ଧିର ସୀମା ନାହିଁ। ଯେ ଯେତେ ସାଧିବ, ସେ ସେତେ ଆଗକୁ ଯାଇପାରିବ। ପୃଥିବୀର କେହି ଦିଜଣ ଏକାଭଳି ନୁହେଁ। ତେଣୁ କାହାକୁ ଅନୁକରଣ ନକରି ନିଜକୁ ସ୍ୱାଭାବିକ ଭାବରେ ଗଢ଼ିବାକୁ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଶିଷ୍ଟ ଲେଖକ ତଥା ସାଂସଦ ପ୍ରସନ୍ନ କୁମାର ପାଟଶାଣୀ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଯେ ଯେକୌଣସି ବୃତ୍ତିରେ ରୁହନ୍ତୁ ନା କାହିଁକି, ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବା ହିଁ ସମାଜ ସେବା ବୋଲି ଡ଼. ପାଟଶାଣୀ ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଆଶିଷ ମିଶ୍ର ମାତୃଭାଷା ସହ ରାଷ୍ଟ୍ରଭାଷାର ଅଭିବୃଦ୍ଧିକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ସ୍ୱରୂପାନନ୍ଦ ମିଶ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ପବିତ୍ର ରାଉତରାୟ ବିଦ୍ୟାଳୟର ପରିସରରେ ଉପଲବ୍ଧ ଶିକ୍ଷଣ ସୁବିଧା ଓ ଅଭିନବ ପ୍ରୟୋଗ ସଂପର୍କରେ ସୂଚନା ଦେବା ସହିତ କହିଥିଲେ ଯେ, ୨୦୧୧ ମସିହାରେ ଏକ ଆଦର୍ଶ ବିଦ୍ୟାଳୟର ଦେଖିଥିବା ସ୍ୱପ୍ନ ଆଜି ସଫଳ ହୋଇଛି। ମହାମହିମ ରାଜ୍ୟପାଳ ଗଣେଶୀ ଲାଲ ବିଦ୍ୟାଦାତା ଗଣେଶଙ୍କ ସ୍ୱରୂପରେ ଆଜି ଉପସ୍ଥିତ ଥିବାରୁ ଏହି ବିଦ୍ୟାଳୟ ଆଜି ଧନ୍ୟ ହୋଇଗଲା। ଏହି ଅବସରରେ ପୋଲିସ୍ କମିଶନର ସତ୍ୟଜିତ ମହାନ୍ତିଙ୍କ ସହ କେତେଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟପାଳ ବିଦ୍ୟାଳୟର ମୁଖପତ୍ର 'କ୍ରିଷ୍ଣା ଭିଜନ-୨୦୧୮'କୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳ ବିଦ୍ୟାଳୟର ନବନିର୍ମିତ ଶିକ୍ଷା ସୌଧକୁ ଲୋକାର୍ପଣ କରିବା ସହିତ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ।


ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ ଭାଇ ଓ ଭଉଣୀମାନଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
- ଜୁହାର



ରାଧାକାନ୍ତ ଗହିର
ଜିଲ୍ଲା ସଭାପତି
କଳାହାଣ୍ଡି ସମାଜ ସେବା କେନ୍ଦ୍ର
ଭବାନୀପାଟଣା, କଳାହାଣ୍ଡି

ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ଭାଇ,ଭଉଣୀ ଓ ଗୁରୁଜନମାନଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।



ରୋହିତ ଦୁର୍ଗା
ଭବାନୀପାଟଣା

ନବବର୍ଷ-୨୦୧୯
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ମନୋରମା ମହାନ୍ତି
ଅଧ୍ୟକ୍ଷା
ନର୍ଲା ପଞ୍ଚାୟତ ସମିତି, କଳାହାଣ୍ଡି




ନବବର୍ଷ-୨୦୧୯
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ମୁନା ଭାଇ
ଉପାଧ୍ୟକ୍ଷ
ନର୍ଲା ପଞ୍ଚାୟତ ସମିତି, କଳାହାଣ୍ଡି



୨୦୧୯

ନବବର୍ଷ ଅବସରରେ ୮ନମ୍ବର ୱାର୍ଡର ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଆଣିଦେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।



ମୋନାଲିସା ସାହୁ
କର୍ପୋରେଟର, ଭୁବନେଶ୍ୱର ମହାନଗର ନିଗମ







A Well Wisher
Khordha

ନବବର୍ଷ ଅବସରରେ ପଦ୍ମପୁରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ସମଲେଶ୍ୱରୀ ସମସ୍ତଙ୍କୁ ସୁଖ, ସମୃଦ୍ଧି ଦିଅନ୍ତୁ ଏହା ହିଁ କାମନା।





ପ୍ରଦୀପ ପୁରୋହିତ
ବିଧାୟକ,ପଦ୍ମପୁର



କଳାହାଣ୍ଡି ଜିଲ୍ଲାର ସମସ୍ତ ମା' ଭାଇ ଓ ଭଉଣୀମାନଙ୍କୁ ନବବର୍ଷ ଅବସରରେ ଆମ୍ଭର ଶୁଭେଚ୍ଛା। ୨୦୧୯ ବର୍ଷ ଆପଣମାନଙ୍କର ଭଲରେ କଟୁ ଏହାହିଁ ମା' ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।



ଶ୍ୟାମସୁନ୍ଦର ଦାସ
ସବିତା ଦାସ



ଜୁନାଗଡ ଅଞ୍ଚଳର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ନୂଆବର୍ଷ-୨୦୧୯ ପାଇଁ ଆମ୍ଭର ଅଭିନନ୍ଦନ। ମା' ମାଣିକେଶ୍ୱରୀ ଓ ଲଙ୍କେଶ୍ୱରୀଙ୍କ ଅପାରକୃପାରୁ ଏହି ବର୍ଷଟି ଆପଣଙ୍କର ସୁଖ ସମୃଦ୍ଧି ବର୍ଷ ହେଉ, ଏହା ହିଁ ଆମର କାମନା।



ହେମନ୍ତ ପ୍ରଧାନ
ସଭାପତି

ଶରତ ଚନ୍ଦ୍ର ସାହୁ
ସମ୍ପାଦକ

ଜୁନାଗଡ଼ ଡିଷ୍ଟ୍ରିବୁଟାରୀ, ଅପର ଇନ୍ଦ୍ରାବତୀ ପ୍ରୋଜେକ୍ଟ



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Evos EVOS BUILDCON PVT.LTD.
Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from
N.H., Petrol Pump



3200/- Sq.ft
Construction will Start from March 2017
Member Of
AFORD
State Bank of India
Finance Available
Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near
Jagasara, BDA Housing Project



27-40 Lakhs
www.evos.co.in
Mob.: 9438383699, 9040051152

ଜୁନାଗଡ ବ୍ଲକ ତଥା କଳାହାଣ୍ଡି ଜିଲ୍ଲାର ସମସ୍ତ ମା' ଭାଇ ଭାଉଣୀମାନଙ୍କୁ ନବବର୍ଷ-୨୦୧୯ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ। ଏ ବର୍ଷଟି ଆପଣମାନଙ୍କର ଭଲରେ କଟୁ ଏହା ହିଁ ମୋର କାମନା।



ଶୁକଦେବ ମେହେର
ସି' କ୍ଲାସ କଣ୍ଟ୍ରାକ୍ଟର
ଛିଛାଇଗୁଡା



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି